ଜନବାର୍ତ୍ତା

ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

(JANABARTTA SWABHIMANI ODIANKA SWARA)

ପ୍ରତିଷ୍ଠାତା - ବିଜୟ କୁମାର ପଟ୍ଟନାୟକ

LIVE THE JANABARTTA ଜନବାର୍ତ୍ତା

• ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର •

Follow Us : Our Digital News Channel

: Janabartta Live

www.janabartta.com

epaper.janabartta.com

01 NOVEMBER to 07 NOVEMBER 2026

୦୧ ନଭେମ୍ବର ଠାରୁ ୦୭ ନଭେମ୍ବର, ୨୦୨୬

VOL- 1 • ISSUE- 37 ବର୍ଷ-୧ • ସଂଖ୍ୟା- ୩୭ PRGI NO- ORORI/26/A0341. • WEEKLY EDITION ପୃଷ୍ଠା-୮ • ମୂଲ୍ୟ-୮/- PAGES - 8 • PRICE- 8/-

ବ୍ୟଙ୍ଗ ବାର୍ତ୍ତା



ମାଡ଼ିଆସେ ବନ୍ୟା ଘେନି କରାଳ ରୂପ,
ବୁଡ଼ାଇଦିଏ ସେ ଚାଷଜମି ଓ କୂପ।
ଘୁ ଘୁ ଗର୍ଜନେ ଆସେ ବାତ୍ୟାର ପବନ,
ଉଡ଼ାଇ ନିଏ ସେ କେତେ କୁଡ଼ିଆ ଭବନ।
ପାହାଡ଼ ଖସଇ ଭୂସ୍ଖଳନ ସାଜି କାଳ,
ରୋକିଦିଏ ପଥ ଭାଙ୍ଗି ସବୁ ଗଛଡାଳ।
ପ୍ରକୃତିର ଏହି କୋପ ସହେ ମାନବ,
ଧରଣୀ ବୁକୁରେ ନାଚେ ବିପତ୍ତି ଦାନବ।

ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

ଖଣି ଆଇନ ସଂଶୋଧନ ଓ ଜନ ସଚେତନତା



ବିଜୟ କୁମାର ପଟ୍ଟନାୟକ

ପୂର୍ବତନ ମୁଖ୍ୟ ଶାସନ ସଚିବ
ଓଡ଼ିଶା

ଖଣି ଆଇନ ସଂଶୋଧନ ବିଷୟରେ ଅନେକ ଚର୍ଚ୍ଚା ହୋଇ ସାରିଲାଣି । କେନ୍ଦ୍ର ସରକାର ଏକ ଅସାମ୍ବିଧାନିକ ଆଇନ ବଳରେ ଖଣିଜ ସମ୍ପଦ ବହନ କରୁଥିବା ଜମି ଉପରେ ରାଜ୍ୟମାନଙ୍କର ଥିବା ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେବା ପାଇଁ ଚେଷ୍ଟା କରିଛନ୍ତି । ଏହା ଯେ ଭାରତର ସଂଘୀୟ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବରେ ଉଲଂଘନ କରୁଛି ଏଥିରେ ସନ୍ଦେହ ନାହିଁ। ଯେଉଁ ରାଜ୍ୟମାନଙ୍କରେ ଡବଲ ଇଞ୍ଜିନ ସରକାର ଚାଲୁଛି । ସେଠାର ସରକାରମାନେ ରାଜନୈତିକ ବାଧବାଧକତା ଯୋଗୁଁ ଚୁପ ରହିଛନ୍ତି । ଝାଡ଼ଖଣ୍ଡ ଭଳି ସିଙ୍ଗଲ ଇଞ୍ଜିନ ରାଜ୍ୟରେ ସରକାର ସୁପ୍ରିମକୋର୍ଟକୁ ଏହା ବିରୁଦ୍ଧରେ ଯାଇଛନ୍ତି । ଡବଲ ଇଞ୍ଜିନ ରାଜ୍ୟରେ ବିରୋଧୀ ଦଳମାନେ ଅନୁରୂପ ଭାବରେ ସୁପ୍ରିମ କୋର୍ଟକୁ ଯିବା ଉଚିତ । ରାଜ୍ୟ ରାଜ୍ୟ ମଧ୍ୟରେ ଥିବା ବିବାଦକୁ ନେଇ ବା କେନ୍ଦ୍ର ରାଜ୍ୟ ମଧ୍ୟରେ ଥିବା ବିବାଦକୁ ନେଇ ସମ୍ପୃକ୍ତ ରାଜ୍ୟମାନେ ସୁପ୍ରିମକୋର୍ଟକୁ ଯିବା ଜିନ୍ଥି ନୂଆ କଥା ନୁହେଁ । କୋଟିଆ ବିବାଦ ବା ମହାନଦୀ ଜଳ ବଣ୍ଟନ ବିବାଦ ପରି ଖଣି ବିବାଦ ମଧ୍ୟ ବର୍ଷ ବର୍ଷ ଧରି ଚାଲି ପାରେ କାରଣ ବିବାଦଟି ସାମ୍ବିଧାନିକ ବେଞ୍ଚକୁ ଯିବା ସୁନିଶ୍ଚିତ । ତାହା ହେଲେ ଜନ ସାଧାରଣଙ୍କର ଏଥିରେ ଭୂମିକା କ'ଣ ? ଏହା କ'ଣ କେତେକ ନାମୀଦାମୀ ଓକିଲମାନଙ୍କର ପାଣ୍ଡିତ୍ୟ ପ୍ରଦର୍ଶନ ପାଇଁ ଏକ ରଙ୍ଗମଞ୍ଚ ମାତ୍ର ? ଜନସାଧାରଣ ବର୍ଷ ବର୍ଷ ଧରି କୋର୍ଟର ରାୟକୁ ଅପେକ୍ଷା କରିବେ ନା ଆଉ କିଛି କରିବାର ଅବକାଶ ଅଛି ?

ଏହାର ଉତ୍ତର ଖୋଜିବା ପୂର୍ବରୁ ଜନସାଧାରଣ ବୁଝିବା ଦରକାର, ଏହା ସେମାନଙ୍କ ପାଇଁ କେତେ ଦୂର ଗୁରୁତ୍ୱପୂର୍ଣ୍ଣ ? ଏହା କେବଳ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଏକ ସୀମାଯୁଦ୍ଧ ନା ଏଥିରେ ଜନସାଧାରଣ ବ୍ୟକ୍ତିଗତ ଭାବରେ ପ୍ରଭାବିତ ହେବାକୁ ଯାଉଛନ୍ତି ।

ଖଣି ହେଉଛି ରାଜ୍ୟମାନଙ୍କର ସମ୍ପତ୍ତି । ଏହା ଉପରେ ଟିକସ ବସାଇବା ଅଧିକାର ରାଜ୍ୟମାନଙ୍କର। ଏହା ସମ୍ବିଧାନ କୁହେ । ତେବେ କେନ୍ଦ୍ର ସରକାରଙ୍କର ଏଥିରେ ଭୂମିକା କ'ଣ ? ସମ୍ବିଧାନ ଅନୁଯାୟୀ ଯଦିଓ ଖଣି ରାଜ୍ୟମାନଙ୍କର ସମ୍ପତ୍ତି, ତାହାର ଉତ୍ତୋଳନ ପ୍ରକ୍ରିୟା, ତାହାର ବିକାଶ ଓ ନିୟନ୍ତ୍ରଣ କରିବାର ଦାୟିତ୍ୱ ଓ ଅଧିକାର ହେଉଛି କେନ୍ଦ୍ର ସରକାରଙ୍କର । ସରଳ ଭାଷାରେ କହିବାକୁ ଗଲେ ଖଣି ଖନନ କରିବାକୁ ହେଲେ ଜଣେ ପଟ୍ଟାଦାର ରାଜ୍ୟ ସରକାରଙ୍କ ସହ (ଅର୍ଥାତ ଜିଲ୍ଲାପାଳଙ୍କ ସହ) ଚୁକ୍ତିନାମା ସ୍ୱାକ୍ଷର କରିବ । କାରଣ ରାଜ୍ୟ ସରକାର ହେଉଛନ୍ତି ତାହାର ମାଲିକ । କିନ୍ତୁ ସେହି ଚୁକ୍ତିନାମା ସ୍ୱାକ୍ଷର କରିବା ପୂର୍ବରୁ ପଟ୍ଟାଦାରଙ୍କୁ କେତେକ ପ୍ରକ୍ରିୟା ଦେଇ ଯିବାକୁ ହେବ ଯାହାକି କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ । ଏହି ପ୍ରକ୍ରିୟାଗୁଡ଼ିକ ହେଲା, ଖଣି ଖନନ କରିବା ପୂର୍ବରୁ ଖନନ ପାଇଁ ଏକ ପ୍ଲାନ ପ୍ରସ୍ତୁତ କରିବାକୁ ହେବ, ଯାହାକି କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିବ । ସେହିପରି ଭାବରେ ଖଣି ଖନନ କଲେ ତାହାର ପରିବେଶ ଉପରେ କି ପ୍ରଭାବ ପଡ଼ିବ ଓ ତାହା କିଭଳି ଭାବରେ ପ୍ରଶମନ କରାଯାଇ ପାରିବ, ଉକ୍ତ ଖଣି ଯଦି ଜଙ୍ଗଲ ଜମିରେ ଅବସ୍ଥିତ ହୋଇଥିବ ତାହା ହେଲେ ନଷ୍ଟ ହେବାକୁ ଯାଉଥିବା ଜଙ୍ଗଲକୁ ପୁଣି ଥରେ କିଭଳି ଭାବରେ ସୃଷ୍ଟି କରାଯାଇ ପାରିବ – ଏ ସବୁ ବିଷୟରେ ପଟ୍ଟାଦାର ଜଣକ କେନ୍ଦ୍ର ସରକାରଙ୍କଠାରୁ ଅନୁମତି ନେବେ । ଏତେ ସବୁ ବିଭାଗର ଅନୁମୋଦନ ଆଣିବା ପରେ ଖଣି ଖନନ କରା ଯାଇପାରିବ । କିନ୍ତୁ ଖଣିଥିବା ଜମି ରାଜ୍ୟ ସରକାରଙ୍କର ଓ ତାହା ଉପରେ ଟିକସ ବସାଇବା ଅଧିକାର ରାଜ୍ୟର । ସଦ୍ୟ ପ୍ରଣୀତ ସଂଶୋଧନ ବଳରେ ରାଜ୍ୟମାନେ ଖଣିଥିବା ଜମି ଉପରେ ଆଉ ଟିକସ ବସାଇ ପାରିବେ ନାହିଁ । ଏଥିରେ ଜନସାଧାରଣଙ୍କର କ'ଣ ଯାଏ ଆସେ ?

ଖଣି ଅଞ୍ଚଳର ଜନସାଧାରଣଙ୍କର ଅନୁଭୂତି ହେଉଛି ଖଣି ଖନନ କହିଲେ ସେମାନେ କେବଳ ପ୍ରଦୂଷଣକୁ ହିଁ ଜାଣନ୍ତି । ପଟ୍ଟାଦାର ସେମାନଙ୍କର ଜମିକୁ କିଣେ । ଅଧିକାଂଶ ସମୟରେ ସେମାନେ ବିସ୍ଥାପିତ ହୁଅନ୍ତି । ଯଦିବା ନ ହୁଅନ୍ତି ସେମାନଙ୍କର ଚାଷ ଜମି ଆଉ ଚାଷ ଉପଯୋଗୀ ରହେ ନାହିଁ । କାରଣ ଖଣିରୁ ନିର୍ଗତ ଧୂଳି ଓ ଟ୍ରକ ଟିପରର ଧୂଆଁରେ କୌଣସି ଗଛ ଉଧାଏ ନାହିଁ । ମହିଳାମାନେ ବିଶେଷ ଭାବରେ କ୍ଷତିଗ୍ରସ୍ତ ହୁଅନ୍ତି କାରଣ କୂଅରୁ ପାଣି ଶୁଖିଯାଏ, ଟ୍ୟୁବ ୱେଲର ପାଣି ତଳକୁ ଚାଲିଯାଏ, ପାଣି ପିଇବା ପାଇଁ ଅଯୋଗ୍ୟ ହୋଇଯାଏ । ବିଷାକ୍ତ ପରିବେଶ ମଧ୍ୟରେ ଶିଶୁମାନଙ୍କର ଅଭିବୃଦ୍ଧି ବ୍ୟାଘାତପ୍ରାପ୍ତ ହୁଏ । ଜନସାଧାରଣ ରୋଗଗ୍ରସ୍ତ ହୁଅନ୍ତି । ଏହା ବିରୁଦ୍ଧରେ ସଂଗ୍ରାମ କରିବାକୁ ସେମାନଙ୍କ ନିକଟରେ ଶକ୍ତି ବା ସମ୍ବଳ ନ ଥାଏ । ସରକାରୀ କର୍ମଚାରୀ ବା ନିର୍ବାଚିତ ପ୍ରତିନିଧିମାନେ କଦବା ଥରେ ସାନ୍ତ୍ୱନାମୂଳକ କଥା କହି ଦୂର ଦିଗ୍‌ବଳୟରେ ହଜି ଯାଆନ୍ତି । ଲୋକେ କେବଳ ଜାଣନ୍ତି ଯେ କେହି ଜଣେ ଅଦୃଶ୍ୟ ଅଗ୍ରୱାଲ ବା ଜୟସୱାଲ ବା ପ୍ରଭାକରନ ଏସବୁର ମାଲିକ । ସେମାନେ ଏମ୍‌ଏମ୍‌ଡିଆର୍ ଆକ୍ଟ ବିଷୟରେ ଅଜ୍ଞ, ତାହାର ସଂଶୋଧନ ବିଷୟରେ ଅଜ୍ଞ । ତାହା ଦ୍ୱାରା ସେମାନଙ୍କ ଉପରେ କି ପ୍ରଭାବ ପଡ଼ିବ ତାହା ଜାଣିବାର ଅବକାଶ ନାହିଁ ।

ସେଥିପାଇଁ ଆଜି ଏକ ଜନଜାଗରଣର ଆବଶ୍ୟକତା ରହିଛି । ଓଡ଼ିଶାର ପ୍ରତ୍ୟେକ ଜନସାଧାରଣ ଯେ ଏହା ଦ୍ୱାରା ପ୍ରଭାବିତ ହେବେ, ଏହା ସେମାନେ ସମସ୍ତେ ଜାଣିବା ଉଚିତ । କିଭଳି ଭାବରେ ତାହା ଘଟିବାକୁ ଯାଉଛି ତାହା ନିମ୍ନରେ ଅବତାରଣା କରାଗଲା ।

ସିଧା ସଳଖ ଭାବରେ ରାଜ୍ୟ ସରକାରମାନେ ପ୍ରତି ବର୍ଷ ଅନ୍ତତଃ ଦଶ ହଜାର କୋଟି ଟଙ୍କା ହରାଇବେ । କେନ୍ଦ୍ର ସରକାର କୁହନ୍ତି ଯେ ରାଜ୍ୟମାନେ ଖଣିରୁ ଏତେ ରାଜସ୍ୱ ପାଉଛନ୍ତି, ଉଦାହରଣସ୍ୱରୂପ ଓଡ଼ିଶା ସରକାର ବର୍ତ୍ତମାନ ଖଣିରୁ ପଚାଶ ହଜାର କୋଟି ଟଙ୍କା ପାଉଛନ୍ତି । ତେଣୁ ଆଉ ଦଶ ହଜାର ଟଙ୍କା ପାଇଁ ସେମାନଙ୍କର ଲୋଭ କାହିଁକି ? ଏହା ଏଭଳି ଏକ ଉଦ୍ଭଟ ଯୁକ୍ତି ଯେ ସେ ବିଷୟରେ ତର୍କ ହିଁ ଅନାବଶ୍ୟକ । ଯଦି ଜଣେ କର୍ମଚାରୀ ବା ଶ୍ରମିକକୁ କୁହାଯାଏ ଯେ ଯେହେତୁ ସେ ଭଲ ଦରମା ପାଉଛି । ତେଣୁ ତାହା ପାଇଁ ଆଉ କୌଣସି ପ୍ରକାରର ବେତନ ବୃଦ୍ଧି କରିବାର ଆବଶ୍ୟକତା ନାହିଁ, ତେବେ ତାହାର ଉତ୍ତର କ'ଣ? ଯଦି ଜଣେ ଘର ମାଲିକକୁ କୁହାଯାଏ ଯେ ଯେହେତୁ ସେ ଭଲ ଭଡ଼ା ପାଉଛି । ତେଣୁ ଆଉ ଭଡ଼ା ବୃଦ୍ଧିର ଆବଶ୍ୟକତା ନାହିଁ, ତେବେ ତାହାର ଉତ୍ତର କ'ଣ ?

ଯଦି ଓଡ଼ିଶା ସରକାର ଅଧିକ ଦଶ ହଜାର କୋଟି ଟଙ୍କାର ରାଜସ୍ୱ ପାଇଥାଆନ୍ତେ ତେବେ କ'ଣ କରାଯାଇ ପାରିଥାଆନ୍ତା, ଆସନ୍ତୁ ତାହା ଆଲୋଚନା କରିବା । ହଁ, ଯଦି ସରକାର ତାକୁ ନିଜର ପ୍ରଚାର ପାଇଁ ବା ଅନାବଶ୍ୟକ ଖର୍ଚ୍ଚ କରି ବା ଯୋଜନା ନାଁରେ ବାଟମାରଣା କରି ଦିଅନ୍ତି ତାହା ହେଲେ ପରିସ୍ଥିତି ଭିନ୍ନ ହେବ । କିନ୍ତୁ ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରରେ ସରକାରଙ୍କର ସମସ୍ତ ରାଜସ୍ୱ ଜନସାଧାରଣଙ୍କର ହିତ ସକାଶେ ବ୍ୟୟକରାଯିବ, ଏହି ବିଶ୍ୱାସର ସହ ନିମ୍ନରେ କେତେକ ସମ୍ଭାବ୍ୟ ବ୍ୟବସ୍ଥାର ଅବତାରଣା କରାଗଲା ।

ଓଡ଼ିଶାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ପହଞ୍ଚିଛି । ଏକଥା ଯେ କେହି ବ୍ୟକ୍ତି ସ୍ୱିକାର କରିବେ । ଏହାର ଏକ ମୁଖ୍ୟ କାରଣ ହେଲା ବିଦ୍ୟାଳୟରେ ଗୃହ ଅଭାବ । ଗୋଟିଏ କକ୍ଷରେ ବା ବାରଣ୍ଡାରେ ତିନୋଟି ଶ୍ରେଣୀର ପିଲା ବସି ପାଠ ପଢ଼ିବାର ଦୃଶ୍ୟ ଅନେକଙ୍କର ଏକ ଦୈନନ୍ଦିନ ଅନୁଭୂତି । ଯଦି ସରକାର ବାର୍ଷିକ ଦଶ ହଜାର କୋଟି ଟଙ୍କା ପାଆନ୍ତେ । ତେବେ ଦୁଇ ଲକ୍ଷ ନୂଆ ଶ୍ରେଣୀ କକ୍ଷ ନିର୍ମାଣ କରାଯାଇ ପାରନ୍ତା । ଓଡ଼ିଶାରେ ଆଜିକା ଦିନରେ ୩୫,୯୨୮ ପ୍ରାଥମିକ ବିଦ୍ୟାଳୟ ଓ ୨୫,୪୨୭ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅବସ୍ଥିତ । ଅର୍ଥାତ ଯଦି ଏହି ଖଣି ରାଜସ୍ୱ ଆସିଥାନ୍ତା ତେବେ ପ୍ରତ୍ୟେକ ନିମ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତିନୋଟି ଲେଖାଏଁ ନୂଆ କକ୍ଷ ପାଇ ପାରନ୍ତା । । ପୁଣି ତାହା କେବଳ ପ୍ରଥମ ବର୍ଷରେ ।

ଖଣି ଆଇନ ସଂଶୋଧନ ଓ ଜନ ସଚେତନତା

ସେହିଭଳି ଭାବରେ ଆବାସ ଯୋଜନା ମାଧ୍ୟମରେ ଦୁଇ ଲକ୍ଷ ଅଧିକ ଲୋକ ଉପକୃତ ହୋଇପାରନ୍ତେ । ଦଶ ଲକ୍ଷ ନୂଆ ହିତାଧିକାରୀଙ୍କୁ ପେନସନ ଦିଆଯାଇ ପାରିଥାନ୍ତା । ବିଦ୍ୟାଳୟ ମାନଙ୍କରେ ଥିବା ସବୁ ଖାଲି ପଦ ପୂରଣ କରାଯାଇ ପାରି ଥାଆନ୍ତା । ଏଭଳି ଅନେକ ମୌଳିକ ଆବଶ୍ୟକତାକୁ ପୂରଣ କରା ଯାଇ ପାରିଥାନ୍ତା । ତେଣୁ ଖଣି ପ୍ରସଙ୍ଗ କେବଳ କେତେକ ସୀମିତ ଜିଲ୍ଲାର ସୀମିତ ଅଞ୍ଚଳର ବିଷୟ ନୁହେଁ । ଏହାର ପ୍ରଭାବ ସମଗ୍ର ଓଡ଼ିଶାର ସମସ୍ତ ପରିବାରଙ୍କୁ ପ୍ରଭାବିତ କରିପାରିବ ।

ବିଡ଼ମ୍ବନାର ବିଷୟ ଯେ, ଯେଉଁ ଖଣିଜ ଜିଲ୍ଲାଗୁଡ଼ିକ ଓଡ଼ିଶାର ବଜେଟର ଏକ ସିଂହ ଭାଗ ଖର୍ଚ୍ଚ ବହନ କରନ୍ତି ସେହି ଜିଲ୍ଲାଗୁଡ଼ିକ ଦାରିଦ୍ର୍ୟରେ ବୁଡ଼ି ରହିଛନ୍ତି । କିଛି ଦିନ ପୂର୍ବେ କେନ୍ଦୁଝର ଜିଲ୍ଲାର ଜୁଆଙ୍ଗ ବାଳିକାମାନେ କିଭଳି ଭାବରେ ସୁଦୂର ତାମିଲନାଡୁରେ ଶ୍ରମିକ ଭାବରେ କାମ କରୁଥିବା ବେଳେ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁବରଣ କରିଥିଲେ, ତାହା ଆଜି ମଧ୍ୟ ଜନମାନସକୁ ଆନ୍ଦୋଳିତ କରୁଛି । ସେମାନେ ଅପ୍ରାପ୍ତବୟସ୍କା ହୋଇ ମଧ୍ୟ ଦାଦନ ଖଟିବାକୁ ଯାଇଥିଲେ । କାରଣ ସେମାନଙ୍କ ପାଇଁ ନିଜ ଅଞ୍ଚଳରେ ନିଯୁକ୍ତି ବ୍ୟବସ୍ଥା ନାହିଁ । ଉକ୍ତ ଜିଲ୍ଲାର ଶିକ୍ଷା ବ୍ୟବସ୍ଥା, ସ୍ୱାସ୍ଥ୍ୟ ବ୍ୟବସ୍ଥା, ରାସ୍ତାଘାଟ ବ୍ୟବସ୍ଥା, ପରିବେଶ, କୃଷି ସମସ୍ତ ଜୀବିକା ଖଣି ଦ୍ୱାରା କ୍ଷତିଗ୍ରସ୍ତ ହେଉଛି । କିନ୍ତୁ ଖଣି ଖନନର ସୁଫଳ କ୍ଷତିଗ୍ରସ୍ତ ଜନତାଙ୍କ ପାଖରେ ପହଞ୍ଚି ପାରୁ ନାହିଁ । ସେମାନଙ୍କ ପାଇଁ ଜିଲ୍ଲାସ୍ତରରେ ଖଣିଜ ଉନ୍ନୟନ ପାଣ୍ଠି ଗଠନ କରାଯାଇଛି । ପ୍ରତିବର୍ଷ ହଜାର ହଜାର କୋଟି ଟଙ୍କା ସେଥିରେ ଗଚ୍ଛିତ ହେଉଛି । କିନ୍ତୁ ତାହାର ସିଂହଭାଗ କ୍ଷତିଗ୍ରସ୍ତ ହୋଇ ନ ଥିବା ଅଞ୍ଚଳରେ ଖର୍ଚ୍ଚ ହେଉଛି । ବ୍ୟାପକ ଦୁର୍ନୀତି ହେଉଥିବାର ମଧ୍ୟ ଅଭିଯୋଗ ଶୁଣାଯାଏ ।

ଏ ସବୁ ତଥ୍ୟ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ 'ଜନ ଜାଗରଣ ଅଭିଯାନ' ଏକ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇଛି । ସୁଖର କଥା ଯେ, ସ୍ୱାଭିମାନୀ ମଞ୍ଚ ଏହାକୁ ଆଗେଇ ନେବା ପାଇଁ ଆଗଭର ହୋଇଛନ୍ତି । ଆଶା କରିବା ଯେ ଓଡ଼ିଶାର ଜନସାଧାରଣ ଏହାର ଗୁରୁତ୍ୱ ବୁଝିବେ ।

କନ୍ଧମାଳ ଓ ତପ୍ତପାଣିରେ ଭୟଙ୍କର ଭୂସ୍ଖଳନ





- ଧୋଇଗଲା ୩୨୬ ନମ୍ବର ଜାତୀୟ ରାଜପଥ
- ମାଟି ତଳେ ଚାପି ହୋଇ ୪ ମୃତ, ୧୨ ନିଖୋଜ
- ବାତ୍ୟା 'ଅର୍ଣ୍ଣବ'ର ପ୍ରଳୟଙ୍କରୀ ବର୍ଷା ଆଣିଲା ଆଉ ଏକ ବିପତ୍ତି
- ବାଲିଗୁଡ଼ା ଓ ରାଇକିଆରେ ପାହାଡ଼ ଧସିଲା, ରାସ୍ତା ସମ୍ପୂର୍ଣ୍ଣ ସିଲ୍

ଫୁଲବାଣୀ / ବ୍ରହ୍ମପୁର,୩୧/୧୦ (ଜେଏନ୍‌ଏସ୍) : ଅତିଭୀଷଣ ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ଜାରି ରହିଥିବା ପ୍ରଳୟଙ୍କରୀ ବର୍ଷା ଏବେ ବଡ଼ ବିପର୍ଯ୍ୟୟର ରୂପ ନେଇଛି । ବନ୍ୟା ବିଭୀଷିକା ମଧ୍ୟରେ କନ୍ଧମାଳ ଏବଂ ଗଜପତି ଜିଲ୍ଲାର ଏକାଧିକ ସ୍ଥାନରେ ଭୟଙ୍କର ଭୂସ୍ଖଳନ ଘଟି ବ୍ୟାପକ କ୍ଷୟକ୍ଷତି ହୋଇଛି । ପାହାଡ଼ରୁ ବିରାଟ ମାଟି ଅତଡ଼ା ଓ ପଥର ଖସିବା ଯୋଗୁଁ କେତେକ ଗ୍ରାମ ସମ୍ପୂର୍ଣ୍ଣ ମାଟିରେ ପୋତି ହୋଇଯାଇଥିବା ବେଳେ ବହୁ ସ୍ଥାନରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି ।

ସବୁଠାରୁ ଦୁଃଖଦାୟକ ଘଟଣା ଘଟିଛି କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକର ଡାଙ୍ଗେସି ଗ୍ରାମରେ । ଗତକାଲି ବିଳମ୍ବିତ ରାତିରେ ସମସ୍ତେ ଶୋଇଥିବା ସମୟରେ ହଠାତ୍ ପାହାଡ଼ରୁ ବିରାଟ ମାଟି ଓ ପଥର ଅତଡ଼ା ଖସି ଘର ଉପରେ ପଡ଼ିଥିଲା । ଏହି ମାଟି ଚାପାରେ ଆଖି ବୁଜିଛନ୍ତି ଏକାହିଁ ପରିବାରର ସ୍ୱାମୀ, ସ୍ତ୍ରୀ ଏବଂ ସେମାନଙ୍କର ୯ ମାସର ଶିଶୁ ପୁତ୍ର । ମୃତକମାନେ ହେଲେ ଅଚ୍ୟୁତ ପ୍ରଧାନ, ଅନୀଷା ପ୍ରଧାନ ଓ ସେମାନଙ୍କର କୋମଳମତି ଶିଶୁ। ଅଗ୍ନିଶମ ବାହିନୀ ଓ ଓଡ୍ରାଫ ଦଳ ସ୍ଥାନୀୟ ଲୋକଙ୍କ ସହାୟତାରେ ଅନ୍ୟ ଦୁଇଜଣଙ୍କୁ ଜୀବନ୍ତ ଉଦ୍ଧାର କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପାଇଁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି ।

ଅପରପକ୍ଷରେ, ଗଞ୍ଜାମ ଓ ଗଜପତି ଜିଲ୍ଲାର ସୀମାନ୍ତରେ ଥିବା ପ୍ରସିଦ୍ଧ ତପ୍ତପାଣି ଘାଟିରେ ମଧ୍ୟ ଭୟଙ୍କର ଭୂସ୍ଖଳନ ଦେଖିବାକୁ ମିଳିଛି । ପ୍ରବଳ ବର୍ଷା କାରଣରୁ ଲୁହାଗୁଡ଼ି-ତପ୍ତପାଣି ଘାଟି ପାହାଡ଼ରୁ ବିରାଟ ପଥରଖଣ୍ଡ ଏବଂ ମାଟି କାଦୁଅ ସ୍ରୋତ ମାଡ଼ି ଆସି ୩୨୬ ନମ୍ବର ଜାତୀୟ ରାଜପଥ ଉପରେ ଜମା ହୋଇ ରହିଛି । ଏପରିକି ଗଜପତି ଜିଲ୍ଲାର ମୋହନା ◥ ପୃଷ୍ଠା-୭

ମୁଖ୍ୟମନ୍ତ୍ରୀଙ୍କ ଆକାଶମାର୍ଗରୁ ସ୍ଥିତି ସମୀକ୍ଷା

ବନ୍ୟା ବିପନ୍ନଙ୍କୁ ସହାୟତା ଘୋଷଣା



ଛତ୍ରପୁର / ଭୁବନେଶ୍ୱର, ୩୧/୧୦ (ଜେଏନ୍‌ଏସ୍) : ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ପ୍ରଳୟଙ୍କରୀ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଗଞ୍ଜାମ ଜିଲ୍ଲାର ସ୍ଥିତି ଅନୁଧ୍ୟାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆଜି ସ୍ପେଶାଲ ହେଲିକପ୍ଟର ଯୋଗେ ହାଇପ୍ରୋଫାଇଲ୍ ଗସ୍ତ କରିଛନ୍ତି । ବିଶେଷ କରି ଜିଲ୍ଲାର ସବୁଠାରୁ ଅଧିକ ପ୍ରଭାବିତ ହୋଇଥିବା ଆସିକା, ଭଞ୍ଜନଗର, ସୋରଡ଼ା ଏବଂ ଶେରଗଡ଼ ଆଦି ଅଞ୍ଚଳରେ ବନ୍ୟା ପରିସ୍ଥିତି କେତେ ଭୟଙ୍କର ରୂପ ଧାରଣ କରିଛି, ତାହା ସେ ଆକାଶମାର୍ଗରୁ ପ୍ରତ୍ୟକ୍ଷ ଭାବେ ନିରୀକ୍ଷଣ କରିଛନ୍ତି । ନଦୀବନ୍ଧ ଗୁଡ଼ିକର ଅବସ୍ଥା ଏବଂ ଜଳବନ୍ଦୀ ଥିବା ◥ ପୃଷ୍ଠା-୭

ରଷିକୂଲ୍ୟା-ବଡ଼ନଦୀ ଫୁଲ୍

୫ ଫୁଟ ପାଣିରେ ବୁଡ଼ିଲା ସହର

- ଆସିକା ଓ ଭଞ୍ଜନଗରରେ 'ଅର୍ଣ୍ଣବ'ର ଜଳପ୍ରଳୟ
- ଶତାଧିକ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ

ଆସିକା / ଭଞ୍ଜନଗର,୩୧/୧୦(ଜେଏନ୍‌ଏସ୍): ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ହୋଇଥିବା ଅତି ପ୍ରବଳ ଲଗାଣ ବର୍ଷା ଯୋଗୁଁ ଗଞ୍ଜାମ ଜିଲ୍ଲାର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ଆସିକା ଏବଂ ଭଞ୍ଜନଗର ସହରରେ ଭୟଙ୍କର ଜଳପ୍ରଳୟ ସୃଷ୍ଟି ହୋଇଛି । ଉପରମୁଣ୍ଡରେ ପ୍ରଭାବିତ ବର୍ଷା କାରଣରୁ ରଷିକୂଲ୍ୟା, ବଡ଼ନଦୀ ଏବଂ ଲୋହାରାଖଣ୍ଡି ନଦୀର ଜଳସ୍ତର ବିପଦ ସଙ୍କେତକୁ ଟପି ପ୍ରବାହିତ ହେଉଛି । ବନ୍ୟାର ପ୍ରଳୟଙ୍କରୀ ରୂପ ଯୋଗୁଁ ଆସିକା ଓ ଭଞ୍ଜନଗରର ବହୁ ପଞ୍ଚାୟତ ସମେତ ମୁଖ୍ୟ ସହରାଞ୍ଚଳରେ ୫ରୁ ୬ ଫୁଟ ଉଚ୍ଚର ବନ୍ୟା ଜଳ ପ୍ରବାହିତ ହେଉଛି । ସ୍ଥିତି ଏଭଳି ହୋଇଛି ଯେ, ଲୋକେ ନିଜ ଜୀବନ ବଞ୍ଚାଇବା ପାଇଁ ଘରର ଛାତ ଉପରେ ଆଶ୍ରୟ ନେଇଛନ୍ତି । ବଡ଼ନଦୀର ◥ ପୃଷ୍ଠା-୭

ବଙ୍ଗୋପ ସାଗରରେ ଆଉ ଏକ ଲଘୁଚାପ

ଆଜି ଅବପାତରେ ପରିଣତ ହେବା ଆଶଙ୍କା

- ଦକ୍ଷିଣ ଓଡ଼ିଶାର ୫ ଜିଲ୍ଲାକୁ ସ୍ୱେଶାଲ ଆଲର୍ଟ
- ନଦୀବନ୍ଧ ଉପରେ ନଜର ଓ ମତ୍ସ୍ୟଜୀବୀଙ୍କୁ ବାରଣ

ଭୁବନେଶ୍ୱର, ୩୧/୧୦ (ଜେଏନ୍‌ଏସ୍) : ଅତିଭୀଷଣ ବାତ୍ୟା 'ଅର୍ଣ୍ଣବ'ର କରା

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

କନ୍ଧମାଳରେ ଗଞ୍ଜେଇ ଚାଷ ଉପରେ ବଡ଼ ଧରଣର ଚଢ଼ାଉ, ୬ ଗିରଫ



ଫୁଲବାଣୀ, ୩୧/୧୦ (ଜେଏନ୍‌ଏସ୍) : କନ୍ଧମାଳ ଜିଲ୍ଲାରେ ବେଆଇନ ଗଞ୍ଜେଇ ଚାଷ ନିର୍ମୂଳ କରିବା ପାଇଁ ପୋଲିସ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ବଡ଼ ଧରଣର ଅଭିଯାନ ଆରମ୍ଭ ହୋଇଛି । ଗତ ୨୫ ତାରିଖରେ ଜିଲ୍ଲାର ୬ଟି ଥାନା ଅଞ୍ଚଳରେ ଏକକାଳୀନ ଚଢ଼ାଉ କରାଯାଇ ପ୍ରାୟ ୧୯ ୯ ଏକର ଜମିରେ ହୋଇଥିବା ବେଆଇନ ଗଞ୍ଜେଇ ଚାଷକୁ ନଷ୍ଟ କରାଯାଇଛି । ଏହି ଅଭିଯାନରେ ଗଞ୍ଜେଇ ଚାଷରେ ସମ୍ପୃକ୍ତି ଅଭିଯୋଗରେ ୬ ଜଣଙ୍କୁ ଗିରଫ କରାଯାଇଛି । ଆଗାମୀ ଦିନରେ ଡ୍ରୋନ୍ ନିରୀକ୍ଷଣ ମାଧ୍ୟମରେ ଗଞ୍ଜେଇ ଚାଷ ଚିହ୍ନଟ କରି ଚଢ଼ାଉକୁ ଅଧିକ ଜୋରଦାର କରାଯିବାକୁ ପଦକ୍ଷେପ ନିଆଯାଇଛି । ଜିଲ୍ଲାର ଦୁର୍ଗମ ଅଞ୍ଚଳଗୁଡ଼ିକରେ ବେଆଇନ ନିଶାଦ୍ରବ୍ୟ ଚାଷକୁ ରୋକିବା ଲକ୍ଷ୍ୟରେ ପୋଲିସ, ଅବକାରୀ, ରାଜସ୍ୱ ଓ ବନ ବିଭାଗର ମିଳିତ ଟିମ୍ ଏହି ଅଭିଯାନରେ ସାମିଲ ହୋଇଥିଲେ । ବାଲିଗୁଡ଼ା, ଫିରିଙ୍ଗିଆ, ଖଜୁରୀପଡ଼ା, ଟିକାବାଲି, ତୁମୁଡ଼ିବନ୍ଧ ଓ ଗୋଛାପଡ଼ା ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ବେଆଇନ ଗଞ୍ଜେଇ ଚାଷକୁ ଚିହ୍ନଟ କରାଯିବା ସହ ନଷ୍ଟ କରାଯାଇଥିଲା । ପ୍ରତ୍ୟେକ ଚଢ଼ାଉକାରୀ ଟିମ୍‌ରେ ପ୍ରାୟ ୪୦ରୁ ୬୦ ଜଣ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ ।

ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ ଖଜୁରୀପଡ଼ା ଥାନା ଅଞ୍ଚଳର ପ୍ରମୋଦ ପ୍ରଧାନ (୪୯), ବିରେନ୍ଦ୍ର ପ୍ରଧାନ (୨୮) ଓ ଅଭିମନ୍ୟୁ ନାୟକ (୪୮), ଫିରିଙ୍ଗିଆ ଥାନା ଅଞ୍ଚଳର ଚିତ୍ରସେନ କହଁର (୫୩) ଏବଂ ବାଲିଗୁଡ଼ା ଥାନା ଅଞ୍ଚଳର ଚୈତନ୍ୟ ରଣା (୪୪) ଓ ପ୍ରେମାନନ୍ଦ ମଲ୍ଲିକ (୩୭) । ପ୍ରଶାସନ ପକ୍ଷରୁ କେବଳ ଗଞ୍ଜେଇ ଗଛ ନଷ୍ଟ କରିବାରେ ଅଭିଯାନକୁ ସୀମିତ ରଖାଯାଇନାହିଁ । ଏହା ପଛରେ ଥିବା ଆର୍ଥିକ ପୃଷ୍ଠପୋଷକ, ଚାଷ ପାଇଁ ଜମି ଯୋଗାଉଥିବା ବ୍ୟକ୍ତି ଓ ସଂଗଠିତ ଗଞ୍ଜେଇ ଚାଲାଣ ନେଟୱର୍କକୁ ଚିହ୍ନଟ କରିବା ଦିଗରେ ମଧ୍ୟ ତଦନ୍ତ ଜାରି ରହିଛି । ଆଇନଗତ ପ୍ରକ୍ରିୟା ଅନୁସାରେ ନଷ୍ଟ କରାଯାଇଥିବା ଗଞ୍ଜେଇ ଗଛର ନମୁନା ସଂଗ୍ରହ କରି ସିଲ୍ କରାଯାଇଛି । ଏହି ନମୁନାଗୁଡ଼ିକୁ ରାସାୟନିକ ପରୀକ୍ଷା ପାଇଁ ଭୁବନେଶ୍ୱରସ୍ଥିତ ରାଜ୍ୟ ଫୋରେନସିକ୍ ବିଜ୍ଞାନ ପରୀକ୍ଷାଗାରକୁ ପଠାଯିବ ବୋଲି ପ୍ରେସ୍ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି । ଅଭିଯାନର ସମସ୍ତ ପ୍ରକ୍ରିୟାକୁ ଫଟୋ ଓ ଭିଡିଓ ମାଧ୍ୟମରେ ରେକର୍ଡ କରାଯାଇଛି । କନ୍ଧମାଳ ଏସ୍‌ପି ରମେନ୍ଦ୍ର ପ୍ରସାଦଙ୍କ ସମେତ ଫିରିଙ୍ଗିଆ ଥାନା ଅଧିକାରୀ ମୁରଲୀଧର ସାହୁ ଓ ଖଜୁରୀପଡ଼ା ଥାନା ଅଧିକାରୀ ଚାପଧାରୀ ପ୍ରଧାନଙ୍କ ସୂଚନା ଅନୁଯାୟୀ, ଆଗାମୀ ଦିନରେ ଡ୍ରୋନ୍ ନିରୀକ୍ଷଣ ଓ ବିଭିନ୍ନ ବିଭାଗର ସମନ୍ୱୟରେ ଏଭଳି ଚଢ଼ାଉ ଜାରି ରହିବ । ବେଆଇନ ଗଞ୍ଜେଇ ଚାଷ ଓ ଚାଲାଣକୁ ମୂଲୋତ୍ପାଟନ କରିବା ପାଇଁ ପ୍ରଶାସନର ଏହି ପଦକ୍ଷେପ ଆଗାମୀ ଦିନରେ ଆହୁରି ଜୋରଦାର ହେବ ବୋଲି ଆଶା କରାଯାଉଛି ।

ମା' ଗଜଲକ୍ଷ୍ମୀ ପୂଜା କମିଟିର ୨୦୨୬ କଳସ ଯାତ୍ରା ଅନୁଷ୍ଠିତ



କନ୍ଧମାଳ, ୩୧/୧୦ (ଜେଏନ୍‌ଏସ୍) : କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକ୍‌ର ମା' ଗଜଲକ୍ଷ୍ମୀ ମାର୍କେଟ୍ କମିଟି ତରଫରୁ ୨୦୨୬ ଉପଲକ୍ଷେ ମା' ଗଜଲକ୍ଷ୍ମୀ ପୂଜା କଳସି ଯାତ୍ରା ବହୁ ଆଡ଼ମ୍ବରରେ ସଭାପତି ସୁବୁଦ୍ଧି ଗଣ୍ଡା ଏବଂ ସମ୍ପାଦକ ସୁରେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ପାଳିତ ହେଇଯାଇଛି । ଏହି ଗଜଲକ୍ଷ୍ମୀ ପୂଜା କାର୍ଯ୍ୟକ୍ରମରେ କମିଟିର ସଦସ୍ୟ ସଦସ୍ୟା ଯଥା ପ୍ରଫୁଲ ମିଶ୍ର, ରବି ଶତପଥି, ରବିନାରାୟଣ ମିଶ୍ର, କିସାନ୍, ସୁଜ୍ଞାନୀ ବେହେରା, ଅରବିନ୍ଦ ପାତ୍ର, ଅଗାଧୁ ନାୟକ, ସନ୍ତୋଷ କୁମାର ପଣ୍ଡା , ପ୍ରତାପ, କେଶବ ଦାସ, ଦିପୁ ପଣ୍ଡା, ସ୍ୱମ୍ପୁରଞ୍ଜା ସାହୁ, ରାଜେନ୍ଦ୍ର, ରାଜୁ ଦାସ, ସ୍ମିତାରାଣୀ ସାହୁ, ସୁଶୀଳା ସାହୁ, ସ୍ୱାଗତିକା ସାହୁ, ବିଭୁତି ଲେଙ୍କା, ପ୍ରତିମା ମହାପାତ୍ର, ବିଦୁଉଲତା, ଆରଧ୍ୟା ଦାସ, କରନ୍ ସାହୁ, ଜାଙ୍କସୀନି ସାହୁ, ପ୍ରମୁଖ ଯୋଗଦେଇ ମା' ଗଜଲକ୍ଷ୍ମୀ ପୂଜା ପାଳନ କରିଛନ୍ତି । ପୂଜା କମିଟି ତରଫରୁ ବହୁ ଆଡ଼ମ୍ବରରେ ବାଜା ବାଦ୍ୟ କରି ପୂଜା ଅର୍ଚ୍ଚନା କରିଥିଲେ । ଏହି କାର୍ଯ୍ୟକ୍ରମ ଟିକୁ ଉପଭୋଗ କରିବା ପାଇଁ ଅନେକ ଭକ୍ତ ଉପସ୍ଥିତ ରହି ଏହି ଯାତ୍ରା ଟିକୁ ସଫଳ କରିଥିଲେ ।

ବାଲେଶ୍ୱରରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ପାଇଁ ସାଧୁତାର ଶପଥ ପାଠ ଅନୁଷ୍ଠିତ



ବାଲେଶ୍ୱର, ୩୧/୧୦ (ଜେଏନ୍‌ଏସ୍) : ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ଅଡିଟୋରିଅମ ହଲ୍ ଠାରେ ଦୁର୍ନୀତି ନିବାରଣ ପାଇଁ ସାଧୁତାର ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଜି ପୂର୍ବାହ୍ନ ୧୧ ଘଟିକା ସମୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଦେଶର ପ୍ରଗତି ପାଇଁ ଦୁର୍ନୀତି ବିରୋଧରେ ଲଢ଼ିବାକୁ ସଂକଳ୍ପ ନେଇଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀଯୁକ୍ତ ତପନ କୁମାର ଖୁଣ୍ଟିଆ, ଡେପୁଟି କଲେକ୍ଟର ଶ୍ରୀଯୁକ୍ତ ସୀତାଂଶୁ ଶେଖର ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀଯୁକ୍ତ ପ୍ରବୋଧ କୁମାର ମଲିକ ଏବଂ ଡିଏସପି, ଭିଜିଲାନ୍ସ ଶ୍ରୀଯୁକ୍ତ ସିକନ୍ଦର ହେମ୍ବ୍ରମ ମଞ୍ଚାସୀନ ଥିଲେ । ଶ୍ରୀଯୁକ୍ତ ଖୁଣ୍ଟିଆ ଅଧିକାରୀ ତଥା କର୍ମଚାରୀମାନଙ୍କୁ ସାଧୁତାର ଶପଥ ପାଠ କରାଇଥିଲେ । ଶପଥ ଗ୍ରହଣ କାଳରେ ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା ରକ୍ଷା, ଲାଞ୍ଚ ନ ନେବା ଓ ନ ଦେବା, ସ୍ୱଚ୍ଛତାର ସହ ଦାୟିତ୍ୱ ନିର୍ବାହ କରିବା ଏବଂ ଜନସାଧାରଣଙ୍କ ହିତ ସାଧନ ଲାଗି ସମର୍ପିତ ରହିବାକୁ ପ୍ରତିଜ୍ଞା କରାଯାଇଥିଲା । ଜିଲ୍ଲା ଦୁର୍ନୀତି ନିବାରଣ କାର୍ଯ୍ୟାଳୟ ପକ୍ଷରୁ ୨୬ ଅକ୍ଟୋବରରୁ ୦୧ ନଭେମ୍ବର ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଭାବେ ପାଳନ କରାଯିବାକୁ ସ୍ଥିରୀକୃତ ହୋଇଛି । ଏହି ଅବସରରେ ଆଜି ମାନ୍ୟବର ମୁଖ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଭୁବନେଶ୍ୱରରେ ଆୟୋଜିତ ସାଧୁତାର ଶପଥ ପାଠ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ରାଜ୍ୟର ସମସ୍ତ ଅଧିକାରୀଙ୍କୁ ଆଭାସୀ ମାଧ୍ୟମରେ ଦୁର୍ନୀତି ନିବାରଣର ଶପଥ ପାଠ କରାଇଥିଲେ । ଏହି ସମୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସୋୱାନ ହଲ୍ ଠାରେ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀଯୁକ୍ତ ତପନ କୁମାର ଖୁଣ୍ଟିଆଙ୍କ ସମେତ ଜିଲ୍ଲା ସ୍ତରର ଅନେକ ଅଧିକାରୀ ଉପସ୍ଥିତ ଥିଲେ ।

ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କଲେ ମନ୍ତ୍ରୀ ଓ ଜିଲ୍ଲାପାଳ



ଗୋପାଳପୁର, ୩୧/୧୦ (ଜେଏନ୍‌ଏସ୍) : ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'କୁ ଦୃଷ୍ଟିରେ ରଖି ଜନସାଧାରଣଙ୍କ ସୁରକ୍ଷା ଓ ପ୍ରଶାସନର ପ୍ରସ୍ତୁତି ସମୀକ୍ଷା କରିଛନ୍ତି ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା । ମନ୍ତ୍ରୀ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ବ୍ରହ୍ମପୁର ଏସ୍‌ପି ଅଭିନବ ସୋନକର ଓ ସ୍ଥାନୀୟ ଅଧିକାରୀଙ୍କ ସହ ଗୋପାଳପୁର ବାତ୍ୟା ଆଶ୍ରୟସ୍ଥଳୀ ଓ ବେଳାଭୂମି ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ । ଏହି ଅବସରରେ ଭାବିନାରାୟଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଶ୍ରୟ ନେଇଥିବା ଲୋକଙ୍କୁ ମନ୍ତ୍ରୀ ଭେଟି ସେମାନଙ୍କ ରହିବା ବ୍ୟବସ୍ଥା, ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ବିଭିନ୍ନ ସ୍ଥାନରେ ଆଶ୍ରୟ ନେଇଥିବା ଲୋକଙ୍କୁ ସମସ୍ତ ଆବଶ୍ୟକୀୟ ସହାୟତା ଯୋଗାଇଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏଥିସହ ସରକାରୀ ଜମିରେ ବସବାସ କରୁଥିବା ଯୋଗ୍ୟ ପରିବାରଗୁଡ଼ିକୁ ସରକାରଙ୍କ ପକ୍ଷରୁ ଗୃହ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ କହିଥିଲେ । ଏହି ପରିଦର୍ଶନ ସମୟରେ ରଙ୍ଗେଇଲୁଣ୍ଡା ବିଡ଼ିଓ ବିଶ୍ୱଜିତ ରାୟ, ଗୋପାଳପୁର ଏନଏସିର ନିର୍ବାହୀ ଅଧିକାରୀ ମନୋଜ ନାହାକ, ସ୍ଥାନୀୟ ଜନପ୍ରତିନିଧି ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ ।

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ମାରାଥନ୍ ରାଲି

ବାଲେଶ୍ୱର, ୩୧/୧୦ (ଜେଏନ୍‌ଏସ୍) : ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬ ପାଳନ ଅବସରରେ ଆଜି ସକାଳ ୭ଟା ସମୟରେ ବାଲେଶ୍ୱର ଜିଲ୍ଲା ଭିଜିଲାନ୍ସ କାର୍ଯ୍ୟାଳୟ ପକ୍ଷରୁ ଏକ ମାରାଥନ୍ ରାଲି ଆୟୋଜିତ ହୋଇଥିଲା । ଏହି ରାଲି ପବ୍ଲିକ ସ୍କୁଲ ଠାରେ ଆରମ୍ଭ ହୋଇ ଷ୍ଟେସନ ଛକ, ଏଫ୍‌ଏମ୍ ଗୋଲେଇ, ଫାଣ୍ଡି ଛକ ଦେଇ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଶେଷ ହୋଇଥିଲା । ଏଥିରେ ସ୍ୱୟଂ ସହାୟକ ଗୋଷ ୍ଠୀର ମହିଳାମାନେ



ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ରାଲି ମାଧ୍ୟମରେ ଦୁର୍ନୀତି ବିରୋଧରେ ଜନସଚେତନତା ସୃଷ୍ଟି କରିବା ସହ ସମାଜରେ ସ୍ୱଚ୍ଛତା, ସଚ୍ଚୋଟତା ଓ ନୈତିକତାର ମୂଲ୍ୟବୋଧକୁ ପ୍ରସାର କରିବାର ବାର୍ତ୍ତା ଦିଆଯାଇଥିଲା । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀଯୁକ୍ତ ତପନ କୁମାର ଖୁଣ୍ଟିଆ, ଭିଜିଲାନ୍ସ ଆରକ୍ଷୀ ଅଧୀକ୍ଷକ ଶ୍ରୀଯୁକ୍ତ ଅରୁଣ କୁମାର ନାୟକ, ଭିଜିଲାନ୍ସ ଡିଏସପି ଶ୍ରୀଯୁକ୍ତ ସିକନ୍ଦର ହେମ୍ବ୍ରମ, ଭିଜିଲାନ୍ସ ଇନ୍ସପେକ୍ଟର ଶ୍ରୀଯୁକ୍ତ ନବ କୁମାର ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀଯୁକ୍ତ ପ୍ରବୋଧ କୁମାର ମଲିକ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ଶୁଭ ଉଦ୍ଘାଟନ କରିଥିଲେ । ତାଙ୍କ ସହିତ ବାଲେଶ୍ୱର ଭିଜିଲାନ୍ସ ବିଭାଗର କର୍ମଚାରୀମାନେ ମଧ୍ୟ ଉପସ୍ଥିତ ରହିଥିଲେ । ଚଳିତ ବର୍ଷ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅକ୍ଟୋବର ୨୬ ତାରିଖରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି ।

ଅଧୀକ୍ଷକଙ୍କ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ

ବସ୍ତା, ୩୧/୧୦ (ଜେଏନ୍‌ଏସ୍) : ପୂର୍ବାହ୍ନ ୧୦ଟା ସମୟରେ ବାଲେଶ୍ୱର ଜିଲ୍ଲାର ବସ୍ତା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବସ୍ତା ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମପଞ୍ଚାୟତରୁ ୧୦୭ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ । ସେଥି ମଧ୍ୟରୁ ୯୪ ଗୋଟି ବ୍ୟକ୍ତିଗତ ଓ ୧୨ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୧ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ । ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୦୬ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ପ୍ରଦ୍ୟୁମ୍ନ ଦିବାକର, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

ସତ୍ୟସାଇ ପେଟ୍ରୋଲ ପମ୍ପରେ ଭୟଙ୍କର ବିସ୍ଫୋରଣ, ଜଣେ ମୃତ

ନୀଳଗିରି, ୩୧/୧୦ (ଜେଏନ୍‌ଏସ୍) : ନୀଳଗିରି ସହର ବାଲିଗୋହିରା ସ୍ଥିତ ଶ୍ରୀ ସତ୍ୟସାଇ ପେଟ୍ରୋଲପମ୍ପର ଏକ ପୁରୁଣା ଟାଙ୍କିକୁ ଗ୍ୟାସକଟର ସାହାଯ୍ୟରେ କଟାଯାଉଥିବାବେଳେ ସକାଳ ପ୍ରାୟ ଘାଂ ୧୫ ମିନିଟ ସମୟରେ ହଠାତ୍ ବିସ୍ଫୋରଣ ହେବାରୁ ଘଟଣାସ୍ଥଳରେ ପେଟ୍ରୋଲପମ୍ପରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ଜୀବନ ଯାଇଛି । ଫଳରେ ଉତ୍ତ୍ୟକ୍ତ ସ୍ଥାନୀୟ ଲୋକଙ୍କ ସହିତ ପରିବାରଲୋକେ କ୍ଷତିପୂରଣ ଦାବୀରେ ଶେରଗଡ ଉଦଳା ୧୯ନଂ ରାଜ୍ୟରାଜପଥ ବାଲିଗୋହିରା ପେଟ୍ରୋଲପମ୍ପ ନିକଟରେ ଶବରଖି ଦୀର୍ଘ ୪ଘଣ୍ଟା ଧରି ରାସ୍ତାଅବରୋଧ କରିଥିଲେ । ସୂଚନାରୁ ଜଣାଯାଇଛି, ହିନ୍ଦୁସ୍ଥାନ ପେଟ୍ରୋଲିୟମ କମ୍ପାନୀ ଏକ ଠିକାସଂସ୍ଥାକୁ ଉକ୍ତ ସତ୍ୟସାଇ ପେଟ୍ରୋଲ ପମ୍ପର ପୁରୁଣାଟାଙ୍କି ବଦଳାଇ ନୂଆଟାଙ୍କି ବସାଇବାପାଇଁ କାର୍ଯ୍ୟାଦେଶ ଦେଇଥିଲା । ଉକ୍ତ ଠିକା ସଂସ୍ଥାର କର୍ମଚାରୀ ନୂଆଟାଙ୍କି ବସାଇବାପରେ ପୁରୁଣାଟାଙ୍କି ଦୁଇଟିରୁ ଗୋଟିଏ ଟାଙ୍କିକୁ ୩ଜଣ କର୍ମଚାରୀ ଏକ ଗ୍ୟାସକଟର ସାହାଯ୍ୟରେ କାଟୁଥିବା ସମୟରେ ପେଟ୍ରୋଲ ସଂସ୍ପର୍ଶରେ ଆସି ହଠାତ୍ ବିସ୍ଫୋରଣ ହୋଇଥିଲା ।ଏହି ଭୟଙ୍କର ବିସ୍ଫୋରଣରେ ଉକ୍ତ ପେଟ୍ରୋଲ ପମ୍ପରେ କାର୍ଯ୍ୟରତ ରେମୁଣାବ୍ଲକ ମୁଖୁରାପଞ୍ଚାୟତ ବିମୁରିଆ ଗ୍ରାମର ଗଣନାଥ ସିଂହଙ୍କ ୬୩ବର୍ଷୀୟ ପୁତ୍ର ବିରେନ୍ଦ୍ର ସିଂହଙ୍କ ଘଟଣାସ୍ଥଳରେ ମୃତ୍ୟୁହୋଇଥିଲା । ବିସ୍ଫୋରଣ ଏତେ ଭୟଙ୍କର ଥିଲାଯେ



ବୀରେନ୍ଦ୍ରଙ୍କ ମୁଣ୍ଡ, ହାତ ଓ ଗୋଡ଼ର ଖଣ୍ଡବିଖଣ୍ଡିତ ଦେହାବଶେଷ ୧୦୦ମିଟର ଦୂରକୁ ଛିଟିକି ପଡ଼ିଥିବା ଦେଖାଯାଇଛି । ଏଥିସହ ପେଟ୍ରୋଲ ପମ୍ପକୁ ଲାଗି ରହିଥିବା ଏକ ବିଲ୍ଡିଙ୍ଗର କବାଟ, ଝରକାର କାଚ ଭାଙ୍ଗି ବିଚ୍ଛିଡି ପଡ଼ିଥିବା ଦେଖିବାକୁ ମିଳିଛି ।ପ୍ରାଥମିକ ଅବସ୍ଥାରେ ବିରେନ୍ଦ୍ରଙ୍କୁ ନୀଳଗିରି ଡ଼ାକ୍ତରଖାନା ନିଆଯାଇଥିଲେ ହେଁ,ଡାକ୍ତର ତାଙ୍କୁ ମୃତଘୋଷଣା କରିଥିବା ବେଳେ ଠିକସଂସ୍ଥାର ଆହତ ଦୁଇକର୍ମଚାରୀଙ୍କୁ ମଧ୍ୟ ହସ୍ପିଟାଲରେ ଭର୍ତ୍ତିକରାଯାଇ ଚିକିତ୍ସିତ କରାଯାଇଛି । ଆଇନଶୃଙ୍ଖଳାକୁ ଆଖିଆଗରେ ରଖି ଏସ୍ପାଟୁନ୍ ପୋଲିସଫୋର୍ସ ମୁତୟନ କରାଯାଇ ପେଟ୍ରୋଲପମ୍ପକୁ ବ୍ୟାରିକେଡ୍ କରାଯାଇଥିବା ବେଳେ ଏଭଳି ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱଦେଇ ସ୍ଥାନୀୟ ପୋଲିସ ପେଟ୍ରୋଲପମ୍ପ ମାଲିକ ଦାପ୍ତିକାନ୍ତ ମହାପାତ୍ରଙ୍କ ସମେତ ଠିକାସଂସ୍ଥାର ଦୁଇଜଣ କର୍ମଚାରୀଙ୍କୁ ଅଟକ ରଖିଥିବା ଜଣାପଡିଛି । ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ନୀଳଗିରିର ଭାରାପ୍ରାପ୍ତ ତହସିଲଦାର ଶୁଭଶ୍ରୀ ଜେନା,ବାଲେଶ୍ୱରର ଅତିରିକ୍ତ ଏସପି ଦେବଜ୍ୟୋତି ଦାଶ, ନୀଳଗିରି ଏସଡିପିଓ ନିର୍ମଳା ଗୋଛାୟତଙ୍କ ସମେତ ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ, ବରହମପୁର ଆଇଆଇସି ଜନ ପଟ୍ଟନାୟକ, ବାଲେଶ୍ୱର ସଦର ଆଇଆଇସି ଅଜୟ ମୁର୍ମୁ,ଖନ୍ତାପଡ଼ା ଆଇଆଇସି ଆଲୋକ କୁମାର ବେହେରାଙ୍କ ଉପସ୍ଥିତିରେ ଲୋକଙ୍କୁ ବୁଝାସୁଝାକରି ପରିସ୍ଥିତିକୁ ଶାନ୍ତକରିଥିବା ଦେଖାଯାଇଥିଲା । ପରେ ହିନ୍ଦୁସ୍ଥାନ ପେଟ୍ରୋଲିୟମର କର୍ମକର୍ତ୍ତା, ସତ୍ୟସାଇ ପେଟ୍ରୋଲପମ୍ପ ମାଲିକ ଦିପ୍ତିକାନ୍ତ ମହାପାତ୍ର, ବାଲେଶ୍ୱର ଲେବର ଅଫିସର ହରି ସାମଲ, ସମାଜସେବୀ ଶିଶିର ରାଉତ ଏବଂ ମୃତ ବୀରେନ୍ଦ୍ରଙ୍କ ସାନଭାଇ ଯୋଗେନ୍ଦ୍ର ସିଂହଙ୍କ ସମେତ ମାଜିଷ୍ଟ୍ରେଟ ଏବଂ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ସମସ୍ୟାର ସମାଧାନ ହୋଇ ରାସ୍ତାରୋକ୍ ହଟିଥିଲା ।ତେବେ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ପାଇଁ ଜଣେ ସରଳ ନିଷ୍ପଟ ଗରୀବଲୋକର ଜୀବନ ଯାଇଥିବାରୁ ସାଧାରଣ ଜନତା ତଥା ପରିବାର ଏହାକୁ ସହଜରେ ଗ୍ରହଣ କରି ନ ପାରିବା ସହିତ ଏଭଳି ଦାୟିତ୍ୱହୀନତା କୁ ନିନ୍ଦା କରିଛନ୍ତି ।

ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କ ବାଲେଶ୍ୱର ଜିଲ୍ଲା ଗସ୍ତ



ବାଲେଶ୍ୱର, ୩୧/୧୦ (ଜେଏନ୍‌ଏସ୍) : ଜଳେଶ୍ୱର ଅଞ୍ଚଳରେ ଜଣେ ନାବାଳିକାଙ୍କ



ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସର
(JANABARTTA SWABHIMANI ODIANKA SWARA)

ସ୍ପେନରେ ଦୁଇ ହାଇ-ସ୍ପିଡ୍ ଟ୍ରେନ ମଧ୍ୟରେ ଭୟଙ୍କର ଧକ୍କା : ୬୮ ମୃତ, ଶତାଧିକ ଆହତ



ମାଦ୍ରିଦ/ଭୁବନେଶ୍ୱର,୩୧/୧୦ : ୟୁରୋପୀୟ ଦେଶ ସ୍ପେନରୁ ଏକ ଅତ୍ୟନ୍ତ ଦୁଃଖଦାୟକ ଓ ଭୟାବହ ରେଳ ଦୁର୍ଘଟଣାର ଖବର ସାମ୍ନାକୁ ଆସିଛି । ସ୍ପେନର ରାଜଧାନୀ ମାଦ୍ରିଦଠାରୁ ପ୍ରାୟ ୧୫୦ କିଲୋମିଟର ଦୂର କାଷ୍ଟିଲା-ଲା ମାଞ୍ଚା ଅଞ୍ଚଳର ଉର୍ଦା ନିକଟରେ ଦୁଇଟି ହାଇ-ସ୍ପିଡ୍ ପ୍ରିମିୟମ ଟ୍ରେନ ମଧ୍ୟରେ ମୁହାଁମୁହିଁ ଭଳି ପଛପଟୁ ପ୍ରଚଣ୍ଡ ଧକ୍କା ହୋଇଛି । ଏହି ଭୟଙ୍କର ସଂଘର୍ଷରେ ଏପର୍ଯ୍ୟନ୍ତ କମସେ କମ୍ ୬୮ ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଥିବା ବେଳେ ୧୦୦ରୁ ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି । ବିଗତ ୧୩ ବର୍ଷ ମଧ୍ୟରେ ଏହା ସ୍ପେନ ତଥା ସମଗ୍ର ୟୁରୋପର ସବୁଠାରୁ ବଡ଼ ଏବଂ ସର୍ବାଧିକ ପ୍ରାଣହାନି ଜନିତ ରେଳ ଦୁର୍ଘଟଣା ବୋଲି କୁହାଯାଉଛି ।

ସ୍ପେନର ପରିବହନ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ବୁଧବାର ସକାଳ ପ୍ରାୟ ୮ ଟା ୩୦ ସମୟରେ ଏକ କମ୍ପ୍ୟୁଟର ଏବଂ ସିଗନାଲିଂ ସିଷ୍ଟମ ବିଫଳତା ଯୋଗୁଁ ସେହି ରୁଟ୍‌ରେ ଯାଉଥିବା 'ଆଇରିଓ' କମ୍ପାନୀର ଏକ ବେସରକାରୀ ହାଇ-ସ୍ପିଡ୍ ଟ୍ରେନ ଟ୍ରାକ୍ ଉପରେ ସ୍ଥିର ହୋଇ ଠିଆ ହୋଇଥିଲା । କିନ୍ତୁ ସୁରକ୍ଷା ସିଗନାଲ୍ ଲାଲ୍ ଥିବା ସତ୍ତ୍ୱେ କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷରୁ ଏକ "ଅବିଶ୍ୱସନୀୟ ଭୁଲ୍ ଆଦେଶ" ଯୋଗୁଁ ପଛରୁ ଆସୁଥିବା ସରକାରୀ ସଂସ୍ଥାର 'ରେନଫେ' ସେବାକୁ ଆଗକୁ ବଢ଼ିବା ପାଇଁ ଅନୁମତି ଦିଆଯାଇଥିଲା । ଫଳରେ ପ୍ରାୟ ୫୦୦ରୁ ଅଧିକ ଯାତ୍ରୀଙ୍କୁ ନେଇ ଯାଉଥିବା ରେନଫେ ଟ୍ରେନଟି ସେହି ସମାନ ଟ୍ରାକ୍‌ରେ ଠିଆ ହୋଇଥିବା ଆଇରିଓ ଟ୍ରେନକୁ ପଛପଟୁ ପ୍ରଚଣ୍ଡ ବେଗରେ ଧକ୍କା ଦେଇଥିଲା ।

ଧକ୍କା ଏତେ ଭୟଙ୍କର ଥିଲା ଯେ ଆଇରିଓ ଟ୍ରେନର ଦୁଇଟି ପ୍ରମୁଖ ବଗି ସମ୍ପୂର୍ଣ୍ଣ ଭାବେ ଟ୍ରାକ୍‌ରୁ ଚ୍ୟୁତ ହୋଇ ତଳକୁ ଖସି ପଡ଼ିବା ସହ ସେଗୁଡ଼ିକ ମୋଡ଼ିମୋଡ଼ି ହୋଇ ଏକ ଧାତୁର ସ୍ତୁପରେ ପରିଣତ ହୋଇଯାଇଛି । ଦୁର୍ଘଟଣା ସ୍ଥଳରେ ଚିତ୍କାର ଏବଂ ଆର୍ତ୍ତନାଦର ପରିବେଶ ସୃଷ୍ଟି ହୋଇଥିଲା । ଘଟଣାସ୍ଥଳରେ ସ୍ଥାନୀୟ ପୋଲିସ, ସାମରିକ ଉଦ୍ଧାରକାରୀ ଦଳ ଏବଂ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ଆହତମାନଙ୍କୁ ତୁରନ୍ତ ଏୟାରଲିଫ୍ଟ କରାଯାଇ ମାଦ୍ରିଦ ଓ ଟୋଲେଡୋର ବିଭିନ୍ନ ପ୍ରମୁଖ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି, ଯେଉଁଥିରେ ୧୫ ଜଣଙ୍କ ଅବସ୍ଥା ଅତି ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବା ଆଶଙ୍କା କରାଯାଉଛି । ଏହି ଜାତୀୟ ବିପର୍ଯ୍ୟୟ ପରେ ସ୍ପେନର ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ୍ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଦେଶରେ ଅକ୍ଟୋବର ୨୯ ରୁ ୩୧ ତାରିଖ ପର୍ଯ୍ୟନ୍ତ ୩ ଦିନିଆ ସରକାରୀ ଶୋକ ଘୋଷଣା କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, "ସମଗ୍ର ସ୍ପେନ ଆଜି ଶୋକାକୁଳ ଏବଂ ଏହି ଭୟଙ୍କର ଦୁର୍ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।" ଅପରପକ୍ଷରେ, ଦେଶର ପ୍ରମୁଖ ଶ୍ରମିକ ସଂଗଠନ ଏବଂ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ସେଫ୍ଟି ସିଷ୍ଟମରେ ଅବହେଳା ଦର୍ଶାଇ ପରିବହନ ମନ୍ତ୍ରୀ ଓସ୍କାର ପୁଏନ୍ତେଙ୍କ ଇସ୍ତଫା ଦାବି କରାଯାଇଛି । ସମ୍ମାନ ଜଣାଇ ସ୍ପେନରେ ଚାଲିଥିବା ସମସ୍ତ 'କୋପା ଡେଲ୍ ରେ' ଫୁଟବଲ୍ ମ୍ୟାଚକୁ ସ୍ଥଗିତ ରଖାଯାଇଛି ।

ଏସ୍‌ସିଓ ସମ୍ମିଳନୀ : ବିଶ୍ୱ ଶାନ୍ତି ଏବଂ ଆଞ୍ଚଳିକ ସୁରକ୍ଷା ଉପରେ ଭାରତର ଗୁରୁତ୍ୱ

ନୂଆଦିଲ୍ଲୀ,୩୧/୧୦ : ସାଂଘାଇ ସହଯୋଗ ସଂଗଠନର ବାର୍ଷିକ ଶିଖର ସମ୍ମିଳନୀ ସଫଳତାର ସହ ଶେଷ ହୋଇଛି । ଏହି ଉଚ୍ଚସ୍ତରୀୟ ବୈଠକରେ ଭାରତ ନିଜର ଆଞ୍ଚଳିକ ସୁରକ୍ଷା ଓ ଅର୍ଥନୈତିକ ସାର୍ବଭୌମତ୍ୱ ପ୍ରସଙ୍ଗକୁ ଦୃଢ଼ ଭାବେ ଉପସ୍ଥାପନ କରିଛି । ସୀମାପାର ଆତଙ୍କବାଦକୁ ରୋକିବା ଏବଂ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ବାଣିଜ୍ୟିକ ସମ୍ପର୍କକୁ ଅଧିକ ମଜବୁତ କରିବା ପାଇଁ ଏହି ବୈଠକରେ ଏକ ସ୍ପଷ୍ଟ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି । ଆଞ୍ଚଳିକ ସ୍ଥିରତା ରକ୍ଷା ପାଇଁ ସମସ୍ତ ପ୍ରକାର ଆତଙ୍କବାଦୀ କାର୍ଯ୍ୟକଳାପ ଏବଂ ସେମାନଙ୍କୁ ମିଳୁଥିବା ଆର୍ଥିକ ସହାୟତାକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଭାରତ ପକ୍ଷରୁ ଆହ୍ୱାନ ଦିଆଯାଇଛି । ଚୀନର 'ୱାନ ବେଲ୍ଟ ୱାନ ରୋଡ' ପ୍ରକଳ୍ପକୁ ନେଇ ଭାରତ ନିଜର ପୁରୁଣା ଆପତ୍ତି ଜାରି ରଖିଥିବା ବେଳେ, ଅନ୍ୟ ସଦସ୍ୟ ଦେଶଗୁଡ଼ିକର ସାର୍ବଭୌମତ୍ୱକୁ ସମ୍ମାନ ଜଣାଇ ନୂଆ ବାଣିଜ୍ୟିକ ମାର୍ଗ ପ୍ରସ୍ତୁତ କରିବାକୁ ପ୍ରସ୍ତାବ ଦିଆଯାଇଛି । ଭାରତର ୟୁପିଆଇ ଏବଂ ଡିଜିଟାଲ୍ ପବ୍ଲିକ ଇନଫ୍ରାଷ୍ଟ୍ରକ୍ଚର ପ୍ରଯୁକ୍ତିବିଦ୍ୟାକୁ ଅନ୍ୟ ଏସସିଓ ସଦସ୍ୟ ଦେଶଗୁଡ଼ିକରେ ବ୍ୟବହାର କରିବା ପାଇଁ ଆଲୋଚନା ଅଗ୍ରଗତି କରିଛି । ଏହି ସମ୍ମିଳନୀ ଅବସରରେ ଭାରତୀୟ ପ୍ରତିନିଧି ମଣ୍ଡଳୀ ଅନ୍ୟ ପ୍ରମୁଖ ସଦସ୍ୟ ରାଷ୍ଟ୍ରର ନେତାମାନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରି ଆଗାମୀ ଦିନରେ ବାଣିଜ୍ୟ ଏବଂ ପ୍ରତିରକ୍ଷା କ୍ଷେତ୍ରରେ ମିଳିତ ଭାବେ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

> ଆତଙ୍କବାଦ ନିପାତ ଏବଂ ନୂତନ ଅର୍ଥନୈତିକ କରିଡର ନିର୍ମାଣ ନେଇ ସଦସ୍ୟ ଦେଶଗୁଡ଼ିକ ମଧ୍ୟରେ ସହମତି

ମହାକାଶକୁ ପ୍ରେରିତ ହେବ ନୂତନ ଅତ୍ୟାଧୁନିକ ମିଶନ

ବେଙ୍ଗାଲୁରୁ,୩୧/୧୦ : ଭାରତୀୟ ମହାକାଶ ଗବେଷଣା ସଂସ୍ଥା ପୁଣି ଏକ ବଡ଼ ସଫଳତା ଆଡ଼କୁ ଅଗ୍ରସର ହେଉଛି । ଚନ୍ଦ୍ରଯାନ ଏବଂ ଆଦିତ୍ୟ-ଏଲ୍୧ ର ସଫଳତା ପରେ ଇସ୍ରୋ ନିଜର ଆଗାମୀ ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପଗୁଡ଼ିକ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତି ଶେଷ କରିଛି । ଭାରତର ପ୍ରଥମ ମାନବ ମହାକାଶ ଯାତ୍ରା ପ୍ରୋଜେକ୍ଟ 'ଗଗନଯାନ' ର ଗୁରୁତ୍ୱପୂର୍ଣ୍ଣ ପରୀକ୍ଷଣ ଏବଂ ଆଗାମୀ ପିଢ଼ିର ଗ୍ରହ ସନ୍ଧାନୀ ମିଶନକୁ ନେଇ ବୈଜ୍ଞାନିକମାନେ ଏକ ନୂତନ ରୋଡମ୍ୟାପ୍ ଜାରି କରିଛନ୍ତି, ଯାହା ବିଶ୍ୱ ସ୍ତରରେ ଭାରତର ପ୍ରଯୁକ୍ତିବିଦ୍ୟାର ସାମର୍ଥ୍ୟକୁ ପ୍ରମାଣିତ କରିବ । ଭାରତୀୟ ମହାକାଶଚାରୀଙ୍କୁ ସୁରକ୍ଷିତ ଭାବେ ମହାକାଶକୁ ପଠାଇବା ଏବଂ ସେମାନଙ୍କୁ ପୃଥିବୀକୁ ଫେରାଇ ଆଣିବା ପାଇଁ ବ୍ୟବହୃତ ହେବାକୁ ଥିବା କ୍ରୁ ମଡ୍ୟୁଲ୍ ଏବଂ ଏସ୍କେପ୍ ସିଷ୍ଟମର ଚୂଡ଼ାନ୍ତ ପରୀକ୍ଷଣ ସଫଳତାର ସହ ଚାଲିଛି । ଚନ୍ଦ୍ରରୁ ମାଟି ଓ ପଥରର ନମୁନା ପୃଥିବୀକୁ ଆଣିବା ପାଇଁ ଇସ୍ରୋର ଆଗାମୀ ଯୋଜନା 'ଚନ୍ଦ୍ରଯାନ-୪' ଉପରେ କାର୍ଯ୍ୟ ତେଜିଆନ ହୋଇଛି, ଯେଉଁଥିରେ ସ୍ୱଦେଶୀ ରୋବୋଟିକ୍ସ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ କରାଯିବ । ଦେଶର ଯୋଗାଯୋଗ, ପାଣିପାଗ ପୂର୍ବାନୁମାନ ଏବଂ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ନୂତନ ପିଢ଼ିର ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହ ଉତ୍କ୍ଷେପଣ ପାଇଁ ଉନ୍ନତ ରକେଟ୍ ପ୍ରସ୍ତୁତ କରାଯାଉଛି । ଇସ୍ରୋ ମୁଖ୍ୟଙ୍କ ସୂଚନା ଅନୁଯାୟୀ, ଏହି ସମସ୍ତ ମିଶନରେ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳ ବ୍ୟବହାର କରାଯାଉଛି, ଯାହା ପ୍ରଧାନମନ୍ତ୍ରୀଙ୍କ 'ଆତ୍ମନିର୍ଭର ଭାରତ' ସଂକଳ୍ପକୁ ମହାକାଶ କ୍ଷେତ୍ରରେ ଏକ ନୂତନ ପରିଚୟ ଦେବ । ଏହି ଖବର ସାରା ବିଶ୍ୱର ମହାକାଶ ସଂସ୍ଥାଗୁଡ଼ିକର ନଜରକୁ ପୁଣି ଥରେ ଭାରତ ଆଡ଼କୁ ଆକର୍ଷିତ କରିଛି ।



'ଅର୍ଣ୍ଣବ'ର ମହାତାଣ୍ଡବ
ଆନ୍ଧ୍ରରେ ୬ ମୃତ, ଓଡ଼ିଶାର ୧୭ ଜିଲ୍ଲା କ୍ଷତିଗ୍ରସ୍ତ
ଲ୍ୟାଣ୍ଡଫଲ୍ ପରେ ଅବପାତରେ ପରିଣତ ହେଲା ଭୟଙ୍କର ସାମୁଦ୍ରିକ ଝଡ଼

ଭୁବନେଶ୍ୱର, ୩୧/୧୦(ଜେଏନ୍‌ଏସ୍) : ବଙ୍ଗୋପସାଗରରେ ସୃଷ୍ଟ ଭୟଙ୍କର ସାମୁଦ୍ରିକ ବାତ୍ୟା 'ଅର୍ଣ୍ଣବ' ଆନ୍ଧ୍ରପ୍ରଦେଶ ଓ ୟାନମ୍ ଉପକୂଳରେ ମାଡ଼ ହେବା ପରେ ବ୍ୟାପକ ସାମୁଦ୍ରିକ ତାଣ୍ଡବ ରଚନା କରିଛି । ବାତ୍ୟାର ପ୍ରଭାବରେ ଆନ୍ଧ୍ରପ୍ରଦେଶରେ ପ୍ରବଳ ପବନ ଓ କାନ୍ଥ ଭୁଶୁଡ଼ିବା କାରଣରୁ ଏପର୍ଯ୍ୟନ୍ତ କମସେ କମ୍ ୬ ଜଣଙ୍କର ମୃତ୍ୟୁ ଘଟିଥିବା ସରକାରୀ ଭାବେ ସ୍ପଷ୍ଟ କରାଯାଇଛି । ଅନ୍ୟପଟେ, ଏହି ବାତ୍ୟା ସ୍ଥଳଭାଗ ଅତିକ୍ରମ କରି ଓଡ଼ିଶା ମଧ୍ୟକୁ ପ୍ରବେଶ କରିବା ପରେ ଏହା ଏକ ଅବପାତ ରେ ପରିଣତ ହୋଇଛି । ଏହାର ପ୍ରଭାବରେ ସାରା ଓଡ଼ିଶାର ପ୍ରାୟ ୧୭ଟି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଜାରି ରହିଛି ଏବଂ ସାଧାରଣ ଜୀବନଯାତ୍ରା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି ।

ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ବାତ୍ୟା 'ଅର୍ଣ୍ଣବ' ଘଣ୍ଟାପ୍ରତି ୧୨୫ ରୁ ୧୩୫ କିଲୋମିଟର ବେଗରେ ଆନ୍ଧ୍ର ଉପକୂଳକୁ ଧକ୍କା ଦେଇଥିଲା । ପ୍ରବଳ ପବନ ଯୋଗୁଁ ଆନ୍ଧ୍ରପ୍ରଦେଶରେ ପ୍ରାୟ ୧୫,୦୦୦ରୁ ଅଧିକ ବିଦ୍ୟୁତ ଖୁଣ୍ଟ ଭାଙ୍ଗିଯାଇଛି ଏବଂ ବିସ୍ତୀର୍ଣ୍ଣ ଅଞ୍ଚଳରେ ଅନ୍ଧାର ଭରିଯାଇଛି । କାକିନାଡ଼ା ଏବଂ ବିଶାଖାପାଟଣା ଅଞ୍ଚଳରେ ଶତାଧିକ ଘର ଭାଙ୍ଗିଯିବା ସହ ଉପକୂଳବର୍ତ୍ତୀ ରାସ୍ତାଗୁଡ଼ିକ ସମୁଦ୍ର ଜଳରେ ଧୋଇଯାଇଛି । ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଏନ୍ ଚନ୍ଦ୍ରବାବୁ ନାଇଡୁ ପ୍ରଭାବିତ କୋନାସୀମା ଓ ପଶ୍ଚିମ ଗୋଦାବରୀ ଆଦି ଜିଲ୍ଲାରେ ଯୁଦ୍ଧକାଳୀନ ଭିତ୍ତିରେ ପୁନରୁଦ୍ଧାର କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।





- ପ୍ରବଳ ବର୍ଷାରେ ଦକ୍ଷିଣ ଓଡ଼ିଶା ଜଳମଗ୍ନ
- ବିପନ୍ନଙ୍କୁ ଉଦ୍ଧାର ପାଇଁ ଯୁଦ୍ଧକାଳୀନ ପ୍ରସ୍ତୁତି
- ସହାୟତା ପାଇଁ ଆଶ୍ୱାସନା ଦେଲେ ଗୃହମନ୍ତ୍ରୀ ଅମିତ ଶାହ
- ହଜାର ହଜାର ବିଦ୍ୟୁତ ଖୁଣ୍ଟ ଓ ଗଛ ନଷ୍ଟ

ଓଡ଼ିଶା ସୀମାନ୍ତ ମାଲକାନଗିରି ଦେଇ ବାତ୍ୟାର ଅବଶିଷ୍ଟାଂଶ ଗତି କରୁଥିବାରୁ ଦକ୍ଷିଣ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ସ୍ଥିତି ଗମ୍ଭୀର ରହିଛି । ବିଶେଷ କରି ମାଲକାନଗିରି, କୋରାପୁଟ, ଗଞ୍ଜାମ ଏବଂ ଗଜପତି ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ଫ୍ଲାସ୍ ଫ୍ଲୁଡ୍ ବା ଆକସ୍ମିକ ବନ୍ୟାର ଆଶଙ୍କା ଦେଖାଦେଇଛି । ଅନେକ ନଦୀର ଜଳସ୍ତର ବିପଦ ସଙ୍କେତ ଆଡ଼କୁ ଗତି କରୁଥିବା ବେଳେ ତଳିଆ ଅଞ୍ଚଳ ଏବଂ ଚାଷଜମି ପାଣିରେ ବୁଡ଼ି ରହିଛି, ଯାହାଫଳରେ ବ୍ୟାପକ ଫସଲ ନଷ୍ଟ ହୋଇଛି । ସୁରକ୍ଷା ଦୃଷ୍ଟିରୁ ଉଭୟ ରାଜ୍ୟରୁ ପ୍ରାୟ ୧,୮୦,୦୦୦ରୁ ଅଧିକ ଲୋକଙ୍କୁ ପୂର୍ବରୁ ହିଁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି ।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଜରୁରୀକାଳୀନ ଉଚ୍ଚସ୍ତରୀୟ ବୈଠକରେ ବାତ୍ୟା ଓ ବର୍ଷା ଜନିତ କ୍ଷୟକ୍ଷତିର ସମୀକ୍ଷା କରିଛନ୍ତି । ମୁଖ୍ୟମନ୍ତ୍ରୀ ଓଡ୍ରାଫ୍, ଏନଡିଆରଏଫ୍ ଏବଂ ଅଗ୍ନିଶମ ବାହିନୀକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବା ସହ ପ୍ରଭାବିତ ଅଞ୍ଚଳରେ ତୁରନ୍ତ ବିଦ୍ୟୁତ, ପାନୀୟ ଜଳ ଏବଂ ଯୋଗାଯୋଗ ବ୍ୟବସ୍ଥା ସ୍ୱାଭାବିକ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ସମୟରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ମୁଖ୍ୟମନ୍ତ୍ରୀମାନଙ୍କ ସହ ଟେଲିଫୋନ୍ ଯୋଗେ କଥା ହୋଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ଆବଶ୍ୟକୀୟ ସାହାଯ୍ୟ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

ଦିଲ୍ଲୀ-ବାରଣାସୀ ମଧ୍ୟରେ ଗଡ଼ିବ 'ବନ୍ଦେ ଭାରତ ସ୍ଲିପର' ଟ୍ରେନ

ନୂଆଦିଲ୍ଲୀ, ୩୧/୧୦ : ଭାରତୀୟ ରେଳବାଇ ଯାତ୍ରୀମାନଙ୍କୁ ଆରାମଦାୟକ ଏବଂ ଦ୍ରୁତ ରାତ୍ରିକାଳୀନ ଯାତ୍ରାର ଅଭିଜ୍ଞତା ଦେବା ପାଇଁ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି । ନୂଆଦିଲ୍ଲୀ ଏବଂ ସାଂସ୍କୃତିକ ରାଜଧାନୀ ବାରଣାସୀ ମଧ୍ୟରେ ଦେଶର ବହୁ ପ୍ରତୀକ୍ଷିତ 'ବନ୍ଦେ ଭାରତ ସ୍ଲିପର' ଟ୍ରେନ ଚଳାଚଳ ପାଇଁ ରେଳବାଇ ବୋର୍ଡ ବିଧିବଦ୍ଧ ଭାବେ ଅନୁମୋଦନ ପ୍ରଦାନ କରିଛି । ସୂଚନା ଅନୁଯାୟୀ, ଆସନ୍ତା ଅକ୍ଟୋବର ୩୧ ତାରିଖରେ ଦୀପାବଳି ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅତ୍ୟାଧୁନିକ ଟ୍ରେନର ଶୁଭାରମ୍ଭ କରିପାରନ୍ତି । ବେଙ୍ଗାଲୁରୁ-ମୁମ୍ବାଇ ମାର୍ଗ ସହିତ ଏହି ଟ୍ରେନଟି ଦେଶର ପ୍ରମୁଖ ଓଭରନାଇଟ୍ ସ୍ଲିପର ନେଟୱାର୍କକୁ ଆହୁରି ସଦୃଢ଼ କରିବ ।

ବର୍ତ୍ତମାନ ଏହି ରୁଟ୍‌ରେ ଚାଲୁଥିବା ଦ୍ରୁତଗାମୀ ରାଜଧାନୀ ଏକ୍ସପ୍ରେସ୍ ପ୍ରାୟ ୧୨ ଘଣ୍ଟା ସମୟ ନେଉଥିବା ବେଳେ ନୂଆ ବନ୍ଦେ ଭାରତ ସ୍ଲିପର ଟ୍ରେନ ମାତ୍ର ୯ ଘଣ୍ଟା ୩୦ ମିନିଟ୍ ମଧ୍ୟରେ ପ୍ରାୟ ୭୬୦ କିଲୋମିଟର ଦୂରତା ଅତିକ୍ରମ କରିବ । ଅଫିସିଆଲ୍ ସୂଚନା ମୁତାବକ, ଟ୍ରେନ ନମ୍ବର ୨୭୪୨୨ ନୂଆଦିଲ୍ଲୀରୁ ରାତି ୯:୪୦ ମିନିଟ୍‌ରେ ଛାଡ଼ି ପରଦିନ ସକାଳ ୭:୧୦ ମିନିଟ୍‌ରେ ବାରଣାସୀ କ୍ୟାଣ୍ଟ ଷ୍ଟେସନରେ



- ଅକ୍ଟୋବର ୩୧ରେ ପ୍ରଧାନମନ୍ତ୍ରୀ କରିପାରନ୍ତି ଶୁଭାରମ୍ଭ
- ରାଜଧାନୀ ଏକ୍ସପ୍ରେସ୍‌ଠାରୁ କମ୍ ସମୟରେ ହେବ ଯାତ୍ରା
- ବିମାନ ଭଳି ମିଳିବ ଅତ୍ୟାଧୁନିକ ସୁବିଧା ସୁଯୋଗ

ପହଞ୍ଚିବ । ସେହିପରି ଫେରିବା ସମୟରେ ଟ୍ରେନ ନମ୍ବର ୨୭୪୨୧ ବାରଣାସୀରୁ ରାତି ୮:୫୦ ମିନିଟ୍‌ରେ ବାହାରି ସକାଳ ୬:୧୦ ମିନିଟ୍‌ରେ ନୂଆଦିଲ୍ଲୀରେ ପହଞ୍ଚିବ । ଯାତ୍ରା ସମୟରେ ଏହା ଗାଜିଆବାଦ, ଆଲିଗଡ଼, କାନପୁର ସେଣ୍ଟ୍ରାଲ ଏବଂ ପ୍ରୟାଗରାଜ ଜଙ୍କସନ ଭଳି ୪ଟି ପ୍ରମୁଖ ଷ୍ଟେସନରେ ରହଣି କରିବ । ନୂଆ କମଳା ଏବଂ ଧୂସର ରଙ୍ଗର ଏହି ବନ୍ଦେ ଭାରତ ସ୍ଲିପର ଟ୍ରେନରେ ସମୁଦାୟ ୧୬ଟି ସମ୍ପୂର୍ଣ୍ଣ ଏସି କୋଚ୍ ରହିବ । ଏଥିମଧ୍ୟରେ ୧୧ଟି ଥାର୍ଡ ଏସି, ୪ଟି ସେକେଣ୍ଡ ଏସି ଏବଂ ୧ଟି ଫାଷ୍ଟ ଏସି କୋଚ୍ ସାମିଲ ରହିଛି, ଯେଉଁଥିରେ ସମୁଦାୟ ୮୨୩ ଜଣ ଯାତ୍ରୀ ଯାତ୍ରା କରିପାରିବେ । ଯାତ୍ରାକୁ ଆରାମଦାୟକ କରିବା ପାଇଁ ଏଥିରେ ଉନ୍ନତ 'ଶକ୍ ଫ୍ରି ସସ୍‌ପେନ୍‌ସନ୍ ସିଷ୍ଟମ୍' ବ୍ୟବହାର କରାଯାଇଛି, ଯାହାଦ୍ୱାରା ଯାତ୍ରୀମାନଙ୍କୁ କମ୍ ଝଟ୍‌କା ଲାଗିବ । ଏହା ସହିତ ଅଟୋମେଟିକ୍ କବାଟ, ବାୟୋ-ଭାକ୍ୟୁମ୍ ଟଏଲେଟ୍, ମୋବାଇଲ୍ ଓ ଲାପଟପ୍ ଚାର୍ଜିଂ ପଏଣ୍ଟ, ଏବଂ ସେନ୍ସର ଟ୍ୟାପ୍ ଭଳି ପ୍ରିମିୟମ୍ ସୁବିଧା ଉପଲବ୍ଧ କରାଯାଇଛି ।

ଏହି ଟ୍ରେନ ସେବା ସପ୍ତାହକୁ ୬ ଦିନ (ଦିଲ୍ଲୀରୁ ଶନିବାର ଏବଂ ବାରଣାସୀରୁ ଶୁକ୍ରବାର ବ୍ୟତୀତ) ଚାଲିବ । ପର୍ଯ୍ୟଟକ, ଶ୍ରଦ୍ଧାଳୁ ଏବଂ ବ୍ୟବସାୟୀମାନେ ଯେଉଁମାନେ ରାତ୍ରିକାଳୀନ ଯାତ୍ରା କରି ସକାଳୁ ସକାଳୁ କାର୍ଯ୍ୟକ୍ଷେତ୍ରରେ ପହଞ୍ଚିବାକୁ ଚାହାଁନ୍ତି, ସେମାନଙ୍କ ପାଇଁ ଏହା ଏକ ବଡ଼ ବିକଳ୍ପ ହେବ । ଯଦିଓ ଏହାର ଚୂଡ଼ାନ୍ତ ଭଡ଼ା ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇ ନାହିଁ, ତଥାପି ଅନୁମାନ କରାଯାଉଛି ଯେ ଥାର୍ଡ ଏସି ପାଇଁ ଭଡ଼ା ପ୍ରାୟ ୨,୦୫୦ ରୁ ୨,୧୫୦ ଟଙ୍କା ମଧ୍ୟରେ ରହିପାରେ ଥ୍ରୀ.ଏ.ସି । ଆଗାମୀ ଦିନରେ ଏହି ଟ୍ରେନଗୁଡ଼ିକ ଦେଶର ପୁରୁଣା ରାଜଧାନୀ ଏକ୍ସପ୍ରେସ୍‌ର ସ୍ଥାନ ନେବ ବୋଲି ଆଶା କରାଯାଉଛି ।

ଭାରତୀୟ ସେୟାର ବଜାରରେ ଜିଓ ପ୍ଲାଟଫର୍ମସର ଐତିହାସିକ ଆଇପିଓ
ମାତ୍ର ୯୫ ମିନିଟ୍‌ରେ ସୃଷ୍ଟି କଲା ବିଶ୍ୱ ରେକର୍ଡ



ମୁମ୍ବାଇ/ଭୁବନେଶ୍ୱର, ୩୧/୧୦ : ଭାରତୀୟ ପୁଞ୍ଜି ବଜାରର ଇତିହାସରେ ଏକ ନୂତନ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ି ହୋଇଛି । ଏସିଆର ସବୁଠାରୁ ଧନୀ ବ୍ୟକ୍ତି ମୁକେଶ ଅମ୍ବାନୀଙ୍କ ମାଲିକାନାରେ ଥିବା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଡିଜିଟାଲ୍ ଓ ଟେଲିକମ

“ଜଗତେ କେବଳ ଧର୍ମ ହିଁ ସାର,
ଧର୍ମ ହେଉଅଛି ଜୀବନ-ହାର
ସତ୍ୟ ପଥେ ଚାଲି ସହିବ କଷ୍ଟ,
ତେବେ ସିନା ଧର୍ମ ହେବ ପ୍ରତିଷ୍ଠା ”

ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସର
(JANABARTTA SWABHIMANI ODIANKA SWARA)

ସମ୍ପାଦକୀୟ...

ପ୍ରକୃତିର କରାଳ ରୂପ ଓ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ଆହ୍ୱାନ

ଅତିଭୀଷଣ ସାମୁଦ୍ରିକ ବାତ୍ୟା ‘ଅର୍ଣ୍ଣବ’ର ମହାତାଣ୍ଡବ, ତା’ ପରବର୍ତ୍ତୀ ପ୍ରଳୟଙ୍କରୀ ବନ୍ୟା ଏବଂ ପାହାଡ଼ିଆ ଅଞ୍ଚଳରେ ଘଟିଥିବା ଭୟଙ୍କର ଭୂସ୍ଖଳନ ଓଡ଼ିଶାକୁ ଏକ ବଡ଼ ପ୍ରାକୃତିକ ବିପର୍ଯ୍ୟୟର ସହିକ୍ଷଣରେ ଛିଡ଼ା କରିଛି। ରାଜ୍ୟର ଗଞ୍ଜାମ, ଗଜପତି ଏବଂ କନ୍ଧମାଳ ଜିଲ୍ଲାରେ ଜଳ ଓ ମାଟିର ଏହି ମିଳିତ ପ୍ରଳୟ ଜନଜୀବନକୁ ସମ୍ପୂର୍ଣ୍ଣ ରୂପେ ଅସ୍ତବ୍ୟସ୍ତ କରିଦେଇଛି। ଏହି ସାମ୍ପ୍ରତିକ ସ୍ଥିତି କେବଳ କ୍ଷୟକ୍ଷତିର ଏକ ପରିସଂଖ୍ୟାନ ନୁହେଁ, ବରଂ ଜଳବାୟୁ ପରିବର୍ତ୍ତନର ବାସ୍ତବ ଚିତ୍ର ଏବଂ ଆମର ଭବିଷ୍ୟତ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ପ୍ରତି ଏକ ବଡ଼ ଚେତାବନୀ।

ବାତ୍ୟା ‘ଅର୍ଣ୍ଣବ’ ଉପକୂଳ ଅତିକ୍ରମ କରିବା ସମୟରେ ଯେତିକି ପବନର ତାଣ୍ଡବ ରଚି ନଥିଲା, ତାଠାରୁ ଅଧିକ ପ୍ରଳୟ ସୃଷ୍ଟି କରିଛି ତା’ର ପରବର୍ତ୍ତୀ ଲଗାଣ ବର୍ଷା। ଉପରମୁଣ୍ଡରେ ଅତି ପ୍ରବଳ ବର୍ଷା ଯୋଗୁଁ ଋଷିକୂଲ୍ୟା ଏବଂ ବଡ଼ନଦୀ ସମେତ ରାଜ୍ୟର ୭ଟି ପ୍ରମୁଖ ନଦୀରେ ବଡ଼ ବନ୍ୟା ଆସିଛି। ଆସିକା ଏବଂ ଭଞ୍ଜନଗର ଭଳି ପ୍ରମୁଖ ସହରାଞ୍ଚଳରେ ୫ରୁ ୬ ଫୁଟ୍‌ର ପାଣି ଜମି ରହିବା ସହ ଶତାଧିକ ଗ୍ରାମ ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛନ୍ତି। ଦେଢ଼ ଲକ୍ଷରୁ ଅଧିକ ଲୋକ ଜଳବନ୍ଦୀ ଅବସ୍ଥାରେ ଘରର ଛାତ ଉପରେ ଦିନ କାଟୁଛନ୍ତି। ପାନୀୟ ଜଳର ଅଭାବ, ବିଦ୍ୟୁତ ବିଚ୍ଛିନ୍ନତା ଏବଂ ଯୋଗାଯୋଗ ବ୍ୟବସ୍ଥା ଠପ୍ ହେବା ଯୋଗୁଁ ସ୍ଥିତି ଅତ୍ୟନ୍ତ ଗମ୍ଭୀର ରୂପ ଧାରଣ କରିଛି।

ଏଥର ବିପର୍ଯ୍ୟୟରେ ସବୁଠାରୁ ଚିନ୍ତାଜନକ ଏବଂ ଦୁଃଖଦ ବିଷୟ ପାଲଟିଛି ପାହାଡ଼ିଆ ଅଞ୍ଚଳରେ ଘଟିଥିବା ଭୟଙ୍କର ଭୂସ୍ଖଳନ। କନ୍ଧମାଳ ଜିଲ୍ଲାର ରାଇକିଆ ଅଞ୍ଚଳରେ ପାହାଡ଼ରୁ ମାଟି ଓ ପଥର ଅତଡ଼ା ଖସି ଗୋଟିଏ ପରିବାରର ୯ ମାସର ଶିଶୁ ସହ ତିନି ଜଣଙ୍କ ପ୍ରାଣହାନି ଘଟିବା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ସେହିପରି ପ୍ରସିଦ୍ଧ ତପ୍ତପାଣି ଘାଟିରେ ବ୍ୟାପକ ଭୂସ୍ଖଳନ ଯୋଗୁଁ ୩୨୬ ନମ୍ବର ଜାତୀୟ ରାଜପଥ ସମ୍ପୂର୍ଣ୍ଣ ଧୋଇଯାଇଛି। ଦକ୍ଷିଣ ଓଡ଼ିଶାର ଏହି ଘାଟି ରାସ୍ତା ଗୁଡ଼ିକ କେରଳ କିମ୍ବା ହିମାଚଳ ପ୍ରଦେଶର ଭୂସ୍ଖଳନ ଭଳି ଭୟଙ୍କର ଦୃଶ୍ୟ ସୃଷ୍ଟି କରୁଛି। ଜେସିବି ମେସିନ ଲଗାଇ ରାସ୍ତା ସଫା କରାଯାଉଥିଲେ ମଧ୍ୟ କ୍ରମାଗତ ବର୍ଷା ଉଦ୍ଧାର କାର୍ଯ୍ୟକୁ ବାଧାପ୍ରାପ୍ତ କରୁଛି।

ଏଭଳି ସଂଗୀନ ସ୍ଥିତିରେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନର ତତ୍ପରତା ପ୍ରଶଂସନୀୟ ରହିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ ହେଲିକପ୍ଟର ଯୋଗେ ଆକାଶମାର୍ଗରୁ ଗଞ୍ଜାମର ବନ୍ୟା ସ୍ଥିତି ଅନୁଧ୍ୟାନ କରିବା ସହ ତୁରନ୍ତ ୨୦ କୋଟି ଟଙ୍କାର ସ୍ପେଶାଲ ଆର୍ଥିକ ପ୍ୟାକେଜ୍ ଘୋଷଣା କରିଛନ୍ତି। ଓଡ୍ରାଫ, ଏନଡିଆରଏଫ ଏବଂ ଅଗ୍ନିଶମ ବାହିନୀ ପକ୍ଷରୁ ମୋଟର ବୋଟ୍ ସାହାଯ୍ୟରେ ବିପନ୍ନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି। ଭୂସ୍ଖଳନ ଜନିତ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ମଧ୍ୟ ଘୋଷଣା କରାଯାଇଛି। କିନ୍ତୁ ପ୍ରଶ୍ନ ଉଠୁଛି, କେବଳ ବିପର୍ଯ୍ୟୟ ପରବର୍ତ୍ତୀ ରିଲିଫ୍ ଓ ସହାୟତା ବଣ୍ଟନ ଦ୍ୱାରା ଏହି ସମସ୍ୟାର ସ୍ଥାୟୀ ସମାଧାନ ସମ୍ଭବ କି?

ଆହ୍ୱାନ ଏବଂ ସ୍ଥାୟୀ ସମାଧାନର ଆବଶ୍ୟକତା

ଓଡ଼ିଶା ବାରମ୍ବାର ବାତ୍ୟାର ସଫଳ ମୁକାବିଲା କରି ‘ଶୂନ୍ୟ ମୃତ୍ୟୁହାର’ ର ସୁନାମ ଅର୍ଜନ କରିଛି। କିନ୍ତୁ ବର୍ତ୍ତମାନ ପାଣିପାଗର ବଦଳୁଥିବା ସ୍ୱଭାବ ଯୋଗୁଁ ବାତ୍ୟା ଅପେକ୍ଷା ତା’ ପରବର୍ତ୍ତୀ ବନ୍ୟା ଓ ଭୂସ୍ଖଳନ ଅଧିକ ମାରାତ୍ମକ ସାବ୍ୟସ୍ତ ହେଉଛି। ଏହାର ମୁକାବିଲା ପାଇଁ ଆମକୁ ରଣନୀତି ବଦଳାଇବାକୁ ହେବ।

ପ୍ରଥମତଃ, ନଦୀବନ୍ଧର ସୁଦୃଢ଼ୀକରଣ। ଆସିକା ଓ ଭଞ୍ଜନଗର ଭଳି ଅଞ୍ଚଳରେ ଋଷିକୂଲ୍ୟା ଓ ବଡ଼ନଦୀର ବନ୍ୟାଜଳ ପ୍ରବେଶ ରୋକିବା ପାଇଁ ପାରମ୍ପରିକ ନଦୀବନ୍ଧ ବଦଳରେ ବୈଜ୍ଞାନିକ ପଦ୍ଧତିରେ କଂକ୍ରିଟ୍ ସ୍ପର୍ ଓ ଆଧୁନିକ ଗାର୍ଡ ୱାଲ୍ ନିର୍ମାଣର ଆବଶ୍ୟକତା ରହିଛି। ନଦୀଗୁଡ଼ିକର ପୁନରୁଦ୍ଧାର ଏବଂ ପୋତି ହୋଇଯାଇଥିବା ନଦୀଶଯ୍ୟାର ଖନନ ଜରୁରୀ।ଦ୍ୱିତୀୟତଃ, ପାହାଡ଼ିଆ ଅଞ୍ଚଳର ବୈଜ୍ଞାନିକ ସର୍ଭେ। କନ୍ଧମାଳ ଓ ଗଜପତି ଜିଲ୍ଲାର ଯେଉଁ ସବୁ ଘାଟି ଅଞ୍ଚଳରେ ବାରମ୍ବାର ମାଟି ଧସୁଛି, ସେଠାରେ ଡିଜିଟାଲ୍ ମ୍ୟାପିଂ କରାଯାଇ ‘ଭୂସ୍ଖଳନ ପ୍ରବଣ ଅଞ୍ଚଳ’ ଭାବେ ଚିହ୍ନଟ କରାଯିବା ଉଚିତ। ପାହାଡ଼ କାଟି ରାସ୍ତା ନିର୍ମାଣ ସମୟରେ ପରିବେଶର ସନ୍ତୁଳନ ରକ୍ଷା କରିବାକୁ ହେବ ଏବଂ ବ୍ୟାପକ ବୃକ୍ଷରୋପଣ ଜରିଆରେ ମାଟିକୁ ଆବୋରି ରଖିବାକୁ ପଦକ୍ଷେପ ନିଆଯିବା ଆବଶ୍ୟକ। ତୃତୀୟତଃ, ଆଗୁଆ ସୂଚନା ତଥା ସ୍ଥାନାନ୍ତରଣ ବ୍ୟବସ୍ଥା। ବାତ୍ୟା ଆସିବା ପୂର୍ବରୁ ସମୁଦ୍ର କୂଳିଆ ଲୋକଙ୍କୁ ସ୍ଥାନାନ୍ତର କରାଯାଉଥିବା ଭଳି, ଅତି ପ୍ରବଳ ବର୍ଷା ସୂଚନା ମିଳିବା ମାତ୍ରେ ପାହାଡ଼ ପାଦଦେଶରେ ତଥା ବିପଦସଙ୍କୁଳ ଅଞ୍ଚଳରେ ରହୁଥିବା ଆଦିବାସୀ ଓ ସ୍ଥାନୀୟ ଲୋକଙ୍କୁ ଆଗୁଆ ସୁରକ୍ଷିତ ସ୍ଥାନକୁ ଆଣିବା ପାଇଁ ଏକ ସ୍ଥାୟୀ ଓ ନିର୍ଭରଯୋଗ୍ୟ ବ୍ୟବସ୍ଥା ପ୍ରସ୍ତୁତ ହେବା ଦରକାର।

ସାମ୍ପ୍ରତିକ ବନ୍ୟା ଓ ଭୂସ୍ଖଳନ ଓଡ଼ିଶାର ଅର୍ଥନୀତି ଏବଂ ଭିତ୍ତିଭୂମି ଉପରେ ଶକ୍ତ ଆଘାତ ଦେଇଛି। ବଙ୍ଗୋପସାଗରରେ ପୁଣି ଆଉ ଏକ ନୂଆ ଲଘୁଚାପ ଦାନା ବାନ୍ଧୁଥିବାରୁ ପ୍ରଶାସନ ଉପରେ ଚାପ ଦ୍ୱିଗୁଣିତ ହୋଇଛି। ପ୍ରକୃତିର ଏହି କୋପ ଆମକୁ ମନେ ପକାଇ ଦେଉଛି ଯେ, କେବଳ ସାମୟିକ ରିଲିଫ୍ ବଣ୍ଟନ ଦ୍ୱାରା ସମସ୍ୟାର ସମାଧାନ ହୋଇପାରିବ ନାହିଁ। ବରଂ ପ୍ରକୃତି ସହ ଲଢ଼େଇ କରି ନୁହେଁ, ବରଂ ପରିବେଶ ଅନୁକୂଳ ବିକାଶ, କଠିନ ଆଇନ ପ୍ରୟୋଗ ଏବଂ ଦୂରଦୃଷ୍ଟିସମ୍ପନ୍ନ ଯୋଜନା ଦ୍ୱାରା ହିଁ ଓଡ଼ିଶାକୁ ଏଭଳି ମହାବିପତ୍ତିରୁ ସୁରକ୍ଷିତ ରଖାଯାଇପାରିବ। ସରକାରୀ ସହାୟତା, ବୈଜ୍ଞାନିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ସହିତ ଜନସାଧାରଣଙ୍କ ସଚେତନତା ଓ ମିଳିତ ସହଯୋଗ ହିଁ ଏହି ସଙ୍କଟ ସମୟରେ ଓଡ଼ିଶାକୁ ପୁଣି ଥରେ ବିଜୟୀ କରାଇ ପାରିବ।

ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଓ ଓଡ଼ିଶା

ଏକତାର ଅବିସ୍ମରଣୀୟ ଅଧ୍ୟାୟ

ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଭାରତର “ଲୌହ ପୁରୁଷ” ଭାବେ ପରିଚିତ। ସ୍ୱାଧୀନତା ପରେ ତାଙ୍କ ଦୃଢ଼ ନେତୃତ୍ୱ, କୂଟନୀତି ଓ ପରିଶ୍ରମ ଯୋଗୁ ଶହ ଶହ ଦେଶୀ ରାଜ୍ୟ ଭାରତ ସଂଘରେ ମିଶିଲା। ଏହି ଜାତୀୟ ଏକତା ପ୍ରକ୍ରିୟାରେ ଓଡ଼ିଶାର ଭୂମିକା ବିଶେଷ ଗୁରୁତ୍ୱପୂର୍ଣ୍ଣ ଥିଲା। ତତ୍କାଳୀନ ଓଡ଼ିଶାର ୨୬ଟି ଗଡ଼ଜାତ ରାଜ୍ୟକୁ ନୂଆ ଗଠିତ ଭାରତୀୟ ସଂଘ ସହିତ ଏକତ୍ର କରିବାରେ ପଟେଲ, ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ହରେକୃଷ୍ଣ ମହତାବ ଏବଂ କେନ୍ଦ୍ରୀୟ ଅଧିକାରୀ ଭି. ପି. ମେନନ୍ ମିଳିତ ଭାବେ କାର୍ଯ୍ୟ କରିଥିଲେ। ୩୧ ଅକ୍ଟୋବର ୧୮୭୫ରେ ଜନ୍ମିତ ବଲ୍ଲଭଭାଇ ପଟେଲ ସ୍ୱାଧୀନ ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀ ଥିଲେ। ସ୍ୱାଧୀନତା ସମୟରେ ଦେଶରେ ପ୍ରାୟ ୫୬୦ଟି ଦେଶୀ ରାଜ୍ୟ ଥିଲା, ଯେଉଁଗୁଡ଼ିକ ମଧ୍ୟରେ ଅନେକ ରାଜା ଭାରତ ସଂଘରେ ଯୋଗ ଦେବାକୁ ଅନିଚ୍ଛା ପ୍ରକାଶ କରୁଥିଲେ। ଏହି ଜଟିଳ ପରିସ୍ଥିତିରେ ପଟେଲ ଧୈର୍ଯ୍ୟ, କୂଟନୀତି ଏବଂ ଦୃଢ଼ ଇଚ୍ଛାଶକ୍ତି ଦ୍ୱାରା ରାଜ୍ୟଗୁଡ଼ିକୁ ଭାରତ ସଂଘରେ ମିଶାଇବାରେ ସଫଳ ହେଲେ। ଏଥିପାଇଁ ତାଙ୍କୁ “ଲୌହ ପୁରୁଷ” ଓ “ଭାରତ ରତ୍ନ” ସମ୍ମାନ ମିଳିଥିଲା।



୧୯୪୭ ମସିହାରେ ଓଡ଼ିଶାରେ ୨୬ଟି ଦେଶୀ ରାଜ୍ୟ ବା “ଗଡ଼ଜାତ” ଥିଲା। ଏହି ରାଜ୍ୟଗୁଡ଼ିକର ରାଜାମାନେ ପ୍ରାରମ୍ଭରେ ଭାରତ ସଂଘରେ ମିଶିବାକୁ ବିରୋଧ କରୁଥିଲେ। ଏହି ସମୟରେ ପଟେଲ, ମହତାବ ଏବଂ ମେନନ୍ ମିଶି ଏହି ରାଜ୍ୟଗୁଡ଼ିକୁ ଓଡ଼ିଶା ସହିତ ମିଶାଇବା ପାଇଁ କାର୍ଯ୍ୟ କରିଥିଲେ।

୨୪ ଡିସେମ୍ବର ୧୯୪୭ରେ କଟକରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେଲା, ଯେଉଁଠି ପଟେଲ ଗଡ଼ଜାତ ରାଜାମାନଙ୍କୁ ଭାରତ ସଂଘରେ ମିଶିବା ପାଇଁ ପ୍ରବନ୍ଧନ କରିଥିଲେ। ପ୍ରଥମେ ରାଜାମାନେ ବିରୋଧ କରିଥିଲେ, କିନ୍ତୁ ପଟେଲଙ୍କ ଧୈର୍ଯ୍ୟ ଓ କୂଟନୀତି ଯୋଗୁ ଶେଷରେ ସେମାନେ ମିଶିବାକୁ ସମ୍ମତ ହେଲେ। ମାତ୍ର ମୟୂରଭଞ୍ଜର ରାଜା ପ୍ରଥମେ ଏକ ସାମ୍ବିଧାନିକ ସରକାର ଗଠନ କରିବାକୁ ଚାହୁଁଥିଲେ, ଯାହା ପରେ ଓଡ଼ିଶା ସହିତ ମିଶିଲା।

ଗଡ଼ଜାତ ରାଜ୍ୟଗୁଡ଼ିକ ମିଶିବା ପରେ ମଧ୍ୟ ନୀଳଗିରି ରାଜ୍ୟ ବାହାରେ ରହିଥିଲା। ମହତାବ ଦିଲ୍ଲୀ ଯାଇ ପଟେଲଙ୍କଠାରୁ ନୀଳଗିରିକୁ ଓଡ଼ିଶା ସହିତ ମିଶାଇବା ପାଇଁ ଅନୁମତି ଚାହିଁଲେ। ପଟେଲଙ୍କ ପ୍ରୟାସ ଯୋଗୁ ନୀଳଗିରିର ରାଜା ଶେଷରେ ଓଡ଼ିଶା ସହିତ ମିଶିବାକୁ ସମ୍ମତ ହେଲେ। ସର୍ଦ୍ଦାର ପଟେଲଙ୍କ ନେତୃତ୍ୱ ଓ ଦୃଢ଼ ଇଚ୍ଛାଶକ୍ତି ଯୋଗୁ ଓଡ଼ିଶାର ଗଡ଼ଜାତ ରାଜ୍ୟଗୁଡ଼ିକ ଭାରତ ସଂଘ ସହିତ ମିଶିଲା। ଏହା ଓଡ଼ିଶାକୁ ଏକ ସୁସଂଗଠିତ ରାଜ୍ୟ ଭାବେ ଗଠନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲା। ପଟେଲ, ମହତାବ ଏବଂ ମେନନ୍‌ଙ୍କ ମିଳିତ ପ୍ରୟାସ ଯୋଗୁ ଓଡ଼ିଶାର ସମସ୍ତ ଗଡ଼ଜାତ ରାଜ୍ୟ ମିଶିଲା, ଯଦିଓ ସାରାଇକେଲା ଏବଂ ଖରସୁଆଁ ବିହାରକୁ ଚାଲିଗଲା। ସର୍ଦ୍ଦାର ବଲ୍ଲଭଭାଇ ପଟେଲ କେବଳ ଭାରତର ଜାତୀୟ ଏକତାର ସ୍ଥପତି ନୁହେଁ, ତାଙ୍କ ନେତୃତ୍ୱ ଯୋଗୁ ଓଡ଼ିଶା ମଧ୍ୟ ଏକ ସୁସଂଗଠିତ ରାଜ୍ୟ ଭାବେ ଗଠିତ ହେଲା। ତାଙ୍କ ଦୃଢ଼ ନେତୃତ୍ୱ, କୂଟନୀତି ଏବଂ ପରିଶ୍ରମ ଯୋଗୁ ଓଡ଼ିଶାର ଗଡ଼ଜାତ ରାଜ୍ୟଗୁଡ଼ିକ ଭାରତ ସଂଘ ସହିତ ମିଶିଲା। ଏହି ଅଧ୍ୟାୟ ଓଡ଼ିଶାର ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରଖେ।



ଅଭିଷେକ ଯୋଶୀ
ମୁଖ୍ୟ, ପତିତପାବନ ଜଗନ୍ନାଥ ସେବା ଫାଉଣ୍ଡେସନ ଓ ଓଡ଼ିଶା ସୁରକ୍ଷା ସେନା

ମସ୍ତିଷ୍କର ଅନ୍ଧାରରେ ଆଲୋକର ଶିଖା

ଚିକିତ୍ସା ନୋବେଲ - ୨୦୨୬

ବିଶିଷ୍ଟ ଆମେରିକୀୟ ପୁଞ୍ଜିପତି ତଥା ମାଇକ୍ରୋସଫଟ୍‌ର ପ୍ରତିଷ୍ଠାତା ବିଲ ଗେଟ୍‌ସ୍ ମଣିଷର ଶରୀର ବିଷୟରେ କହିଥିଲେ, “The human body is the most complex system ever created. The more we learn about it, the more appreciation we have about what a rich system it is.” ଏହାର ଅର୍ଥ ମଣିଷ ଶରୀର ପୃଥିବୀର ଜଟିଳତମ ବ୍ୟବସ୍ଥାମାନଙ୍କ ମଧ୍ୟରୁ ଅନ୍ୟତମ। ମସ୍ତିଷ୍କ ହେଉଛି ମନୁଷ୍ୟ ଶରୀରର ସବୁଠାରୁ ପ୍ରମୁଖ ଅଙ୍ଗ। ଏହାକୁ ଆମେ ପ୍ରତିକ୍ଷଣ ବ୍ୟବହାର କରୁଛେ ଜାଣତ ବା ଅଜାଣତରେ। କିନ୍ତୁ ଆଜି ପର୍ଯ୍ୟନ୍ତ ଆମେ ଏହାକୁ ସମ୍ପୂର୍ଣ୍ଣ ଭାବରେ ବୁଝିପାରିନେ। ବିଗତ ଶହେ ବର୍ଷ ମଧ୍ୟରେ ଆମେ ଚନ୍ଦ୍ର ପୃଷ୍ଠରେ ପହଞ୍ଚିପାରିଛେ, ମଙ୍ଗଳର ମୃତ୍ତିକା ଉପରେ ଗବେଷଣା କରୁଛେ, ସାଗରର ଅତଳ ଗର୍ଭର ଖୋଜ ଖବର ନେଉଛେ ଓ ଏପରି ଯନ୍ତ୍ରପାତି ବା ମେସିନ୍‌ର ନିର୍ମାଣ କରିଛେ, ଯିଏ କୋଟି କୋଟି ତଥ୍ୟକୁ ଆଖି ପିଛୁଳାକେ ସଞ୍ଚାଳନ କରିପାରୁଛି। ଏତେଗୁଡ଼ିଏ ଉପଲବ୍ଧି ସତ୍ତ୍ୱେ ଆଜି ମଧ୍ୟ ଗୋଟିଏ ସମସ୍ୟା ଆମ ସମ୍ମୁଖରେ ବିଦ୍ୟମାନ ରହିଛି କି ଯେଉଁ ମସ୍ତିଷ୍କ ବିଶ୍ୱର ଅନନ୍ତ ରହସ୍ୟକୁ ଆମ ପାଇଁ ଖୋଲିଛି, ତା’ ନିଜର ରହସ୍ୟକୁ ଆଜି ପର୍ଯ୍ୟନ୍ତ କାହିଁକି ସମ୍ପୂର୍ଣ୍ଣ ଭାବରେ ଉନ୍ମୋଚନ କରାଯାଇପାରିନାହିଁ!

ଆମେ ଭାବୁଛେ କେମିତି ? କାହାର ମୁହଁ ଦେଖିଲେ କିପରି ଭାବରେ ଆମକୁ ସେହି ମୁହଁ ସହ ଜଡ଼ିତ ବହୁ ପୁରୁଣା ସ୍ମୃତି ମନେପଡ଼ିଯାଏ। କୌଣସି ଶବ୍ଦ ବା ଗନ୍ଧ କିପରି ଆମର ପୂର୍ବ କଥାକୁ ତାଜା କରାଇଦିଏ ? ଆହୁରି ମଧ୍ୟ କୌଣସି ବିଚାର କିପରି ଆମ ମସ୍ତିଷ୍କକୁ ସକ୍ରିୟ କରିଦିଏ ? ଏହି ସବୁ ପ୍ରଶ୍ନର ସମାଧାନର ଯାତ୍ରାରେ ବିଜ୍ଞାନ ବର୍ତ୍ତମାନ ଏକ ମହତ୍ତ୍ୱପୂର୍ଣ୍ଣ ଦ୍ୱାର ଉନ୍ମୁକ୍ତ କରିଛି। ୨୦୨୬ର ନୋବେଲ ପୁରସ୍କାର ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ପ୍ରଦାନ କରାଯାଇଛି ପିଟର ହେଗ୍‌ମ୍ୟାନ, ଜର୍ଜ ନାଗେଲ ଓ କାର୍ଲ ଡିସେରାଥ୍‌ଙ୍କୁ ଅପ୍ଟୋଜେନେଟିକ୍ସରେ ଉଲ୍ଲେଖନୀୟ ଗବେଷଣା ନିମନ୍ତେ। କାର୍ଲ ଡିସେରାଥ୍ ଯେତେବେଳେ ନୋବେଲ ପୁରସ୍କାର ପାଇବା ଖବର ନିଜର ପରିବାର ଆଗରେ ପ୍ରକାଶ କରିଛନ୍ତି, ତାଙ୍କର ଦୁଇ ଝିଅ ଖୁସିରେ ଆତ୍ମହରା ହୋଇ ତାଙ୍କୁ କୁଣ୍ଢାଇ ପକାଇବାର ଭିଡ଼ିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଏହି ବୈଜ୍ଞାନିକମାନେ ଆଲୋକର ସହାୟତାରେ ମସ୍ତିଷ୍କରେ ଥିବା ସ୍ନାୟୁକୋଷ ବା ନ୍ୟୁରନ୍ ମାନଙ୍କର କାର୍ଯ୍ୟପ୍ରଣାଳୀକୁ ନିରୀକ୍ଷଣ ଓ ନିୟନ୍ତ୍ରଣ କରିବା ପାଇଁ ଏକ ଉପାୟବାହାର କରିଛନ୍ତି। ଯେଉଁ ବିଭାଗରେ ସେମାନେ ତାଙ୍କର ଗବେଷଣା କରିଛନ୍ତି, ତାହା ହେଉଛି “ଅପଟୋଜେନିଟିକ୍ସ”। ଏଥିରେ ଜେନେଟିକ୍ସ (ଆନୁବଂଶିକ ବିଜ୍ଞାନ) ଓ ଅପ୍ଟିକ୍ସ (ଆଲୋକ ବିଜ୍ଞାନ) ର ସମ୍ମିଶ୍ରଣରେ ନିର୍ଦ୍ଦିଷ୍ଟ ପ୍ରକାରର କୋଷ ବା ସେଲ୍ (ପ୍ରାୟତଃ ନ୍ୟୁରନ୍) ମାନଙ୍କ ଉପରେ ଅଧ୍ୟୟନ କରାଯାଇଥାଏ। ଏହି ଅପ୍ଟୋଜେନିଟିକ୍ସର ପ୍ରୟୋଗ ବର୍ତ୍ତମାନ ସମୟରେ ସ୍ନାୟୁବିଜ୍ଞାନ ଗବେଷଣା କ୍ଷେତ୍ରରେ ବ୍ୟାପକ ଭାବରେ ହେଉଅଛି। ଏଥିରେ ଆଲୋକ ଚାଳିତ ଏପରି ସ୍ୱିଚ୍ ବିକଶିତ କରାଯାଇଥାଏ ଯାହାକୁ ବ୍ୟବହାର କରି ମସ୍ତିଷ୍କର କାର୍ଯ୍ୟପ୍ରଣାଳୀ ଓ ରୋଗବ୍ୟାଧି ବିଷୟରେ ସମ୍ୟକ ଜ୍ଞାନ ଆହରଣ କରାଯାଇପାରିବ। ତିନି ବୈଜ୍ଞାନିକଙ୍କର ଗବେଷଣା, ହେଗ୍‌ମ୍ୟାନ ଙ୍କର ସବୁଜ ଶୈବାଳର ଆଲୋକ ଆଡ଼କୁ ଗତି କରିବା ଜନିତ ରହସ୍ୟର ଉଦ୍‌ଘାଟନରୁ ଆରମ୍ଭ ହେଲା। ହେଗ୍‌ମ୍ୟାନଙ୍କ ସହ ନାଗେଲ ଯେଉଁ ଦୁଇଜଣ ଥିଲେ ଜର୍ମାନୀର, ଗୋଟିଏ ଏକକୋଷୀୟ ଶୈବାଳ, କ୍ଲାମାଇଡୋମୋନାସ ଉପରେ ଗବେଷଣା ଆରମ୍ଭ କଲେ। ଗବେଷଣାର ବିଷୟବସ୍ତୁ ଥିଲା କିପରି ଏହି ଶୈବାଳ ଆଲୋକକୁ ଅନୁଭବ କରିପାରୁଛି।



ଡା. ରାଜକିଶୋର ପଣ୍ଡା
ଏମ୍‌ବିବିଏସ୍, ଭୁବନେଶ୍ୱର
ଦୂରଭାଷ - ୮୧୪୪୦୪୨୯୯୭

ଆଲୋକକୁ ଅନୁଭବ କରିବା ଶକ୍ତି କେବଳ ଚକ୍ଷୁ ଥିବା ପ୍ରାଣୀଙ୍କର ଏକଚାଟିଆ ଅଧିକାର ନୁହେଁ। ଜୀବଜଗତର ଅଧିକାଂଶ ପ୍ରାଣୀ ଓ ଉଦ୍ଭିଦଙ୍କର ଆଲୋକକୁ ବାରିବା ଓ ଏହାକୁ ନିଜର ପରିବେଶରେ କୌଣସି ପରିବର୍ତ୍ତନ ପ୍ରକ୍ରିୟାକୁ ଚିହ୍ନଟ କରିବାରେ ପ୍ରୟୋଗ କରିବାର ନିଜ ନିଜର କୌଶଳମାନ ରହିଛି। ଏପରିକି ଏକକୋଷୀୟ ଜୀବମାନଙ୍କଠାରେ ଗୋଟିଏ ବିଶିଷ୍ଟ ପ୍ରକାରର ପ୍ରୋଟିନ ଥାଏ ଆଲୋକକୁ ଅନୁଭବ କରିବା ପାଇଁ। ହେଗ୍‌ମ୍ୟାନ ଓ ନାଗେଲ ଆବିଷ୍କାର କଲେ ଯେ କ୍ଲାମାଇଡୋମୋନାସ୍‌ଠାରେ ଗୋଟିଏ ଅତିସୁନ୍ଦର ଓ କାର୍ଯ୍ୟଦକ୍ଷ ବ୍ୟବସ୍ଥା ଅଛି ଆଲୋକକୁ ଗ୍ରହଣ କରିବା ପାଇଁ ଯାହାକି ଗୋଟିଏ ପ୍ରୋଟିନ୍ ଉପରେ ନିର୍ଭରଶୀଳ। ଏହି ପ୍ରୋଟିନର ନାମ ହେଉଛି “ଚ୍ୟାନେଲ୍ ରୋଡୋପ୍‌ସିନ”।

“ଚ୍ୟାନେଲ ରୋଡୋପ୍‌ସିନ” ଥାଏ କ୍ଲାମାଇଡୋମୋନାସ୍‌ର ବାହ୍ୟ ଝିଲ୍ଲୀରେ। ଏହି ପ୍ରୋଟିନର ଅଧା ଅଂଶ ଶୈବାଳଟିର କୋଷ ବାହାରେ ଥିବା ପାଣି ଆଡ଼କୁ ଥାଏ ଓ ବାକି ଅଧା ଭିତରକୁ ଥାଏ। ଏହି ପ୍ରୋଟିନରେ ଗୋଟିଏ କ୍ଷୁଦ୍ର ରସାୟନ ମଧ୍ୟ ଅଛି ଯାହାକୁ କୁହାଯାଏ “ରେଟିନାଲ ଡିହାଇଡ୍”। ଏହି ରସାୟନଟି ହିଁ ଆଲୋକକୁ ଗ୍ରହଣ କରିଥାଏ। ଯେତେବେଳେ ଆଲୋକ ରେଟିନାଲ ଡିହାଇଡକୁ ସ୍ପର୍ଶ କରେ ସେତେବେଳେ ଏହାର ଆକାର ପରିବର୍ତ୍ତନ ହୋଇଥାଏ, ଫଳରେ ଚ୍ୟାନେଲ ରୋଡୋପ୍‌ସିନ୍‌ର ଆକାର ମଧ୍ୟ ବଦଳିଥାଏ। ଏହି ପରିବର୍ତ୍ତନ ହେତୁ କୋଷାୟ ଝିଲ୍ଲୀରେ ଗୋଟିଏ କ୍ଷୁଦ୍ର ଛିଦ୍ରର ସୃଷ୍ଟି ହୁଏ। ଏହି ଛିଦ୍ର ଯୋଗେଁ ଧନାତ୍ମକ ଚାର୍ଜଯୁକ୍ତ କଣିକା ଯେପରିକି ସୋଡିୟମ୍, ଶୈବାଳର ବାହାରେ ଥିବା ପାଣିରୁ ଏହାର କୋଷ ଭିତରକୁ ଯାଏ। ଏହି ପ୍ରକ୍ରିୟାଟି ହି

ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

ଅସତ୍ୟ ଉପରେ ସତ୍ୟ ଓ ଅନ୍ଧାର ଉପରେ ଆଲୋକର ବିଜୟକୁ ନେଇ ସାରା ବିଶ୍ୱ ଏବେ ଉତ୍ସବମୁଖର। ଭାରତର କୋଣ ଅନୁକୋଣ ଠାରୁ ଆରମ୍ଭ କରି ଆମେରିକା, ବ୍ରିଟେନ ସମେତ ବିଦେଶ ମାଟିରେ ଥିବା ପ୍ରବାସୀ ଓ ଶ୍ରଦ୍ଧାଳୁମାନେ ଧୂମଧାମରେ ଦୀପାବଳୀ ପାଳନ କରୁଛନ୍ତି। ରାମଜନ୍ମଭୂମି ଅଯୋଧ୍ୟାରେ ଲକ୍ଷ ଲକ୍ଷ ଦୀପର ଭବ୍ୟ ଦୀପୋତ୍ସବ ସହ କୋଲକାତାର ପ୍ରସିଦ୍ଧ କାଳୀଘାଟ ପୀଠରେ ଶକ୍ତିର ଆରାଧନା ଚାଲିଛି।

ଅନ୍ୟପଟେ ଓଡ଼ିଶାର ପାରମ୍ପରିକ 'ବଡ଼ବଡୁଆ ଡାକ' ଓ ପୟାଶ୍ରାଦ୍ଧର ଭାବପୂର୍ଣ୍ଣ ପରିବେଶ ମଧ୍ୟରେ ଐତିହାସିକ ଭଦ୍ରକ ସହରରେ ବିଶ୍ୱପ୍ରସିଦ୍ଧ ଶ୍ୟାମା କାଳୀପୂଜା ଆରମ୍ଭ ହୋଇଛି। ପ୍ରାୟ ଶହେ ବର୍ଷରୁ ଅଧିକ ପୁରୁଣା ଏହି ଗଣପର୍ବରେ ସାରା ସହର ସୁଦୃଶ୍ୟ ଆଲୋକମାଳାର ତୋରଣରେ ଝଲସୁଛି। କାର୍ତ୍ତିକ ଅମାବାସ୍ୟାର ଗଭୀର ମହାନିଶାରେ ମା'ଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିବା ବେଳେ ଏହା ହିନ୍ଦୁ-ମୁସଲିମ୍ ଭାଇଚାରାର ଅପୂର୍ବ ନିଦର୍ଶନ ସାଜିଛି। ଏହି ପ୍ରସିଦ୍ଧ ମେଳା ଓ ଚିତ୍ତାକର୍ଷକ ମୀନାବଜାର ଦେଖିବା ପାଇଁ ଲକ୍ଷ ଲକ୍ଷ ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।



> ଭାଇଚାରାର ଅନନ୍ୟ ପ୍ରତୀକ
> ଜାତି-ଧର୍ମ ନିର୍ବିଶେଷରେ ମିଳିମିଶି
> ଉତ୍ସବ ପାଳୁଛନ୍ତି ସବୁ ସମ୍ପ୍ରଦାୟ

ଶକ୍ତିର ଆରାଧ

ମା' କାଳୀ

କାର୍ତ୍ତିକ ଅମାବାସ୍ୟା ତିଥିରେ ଦୀପାବଳୀ ସହ ମା' କାଳୀଙ୍କ ପୂଜାର ଏକ ବଡ଼ ସଂଯୋଗ ରହିଛି। ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ଆସାମ ଭଳି ରାଜ୍ୟରେ ଏହି ଦିନକୁ ମୁଖ୍ୟତଃ ଶ୍ୟାମା କାଳୀ ପୂଜା ଭାବେ ପାଳନ କରାଯାଏ। କାଳୀପୂଜା ହେଉଛି ଶକ୍ତିର ଦେବୀ ମା' କାଳୀଙ୍କ ଆରାଧନାର ମହୋତ୍ସବ। ମା' କାଳୀ ହେଉଛନ୍ତି ମା' ଦୁର୍ଗାଙ୍କର ସବୁଠାରୁ ଭୟଙ୍କର ଏବଂ ଶକ୍ତିଶାଳୀ ରୂପ। 'କାଳୀ' ଶବ୍ଦର ଅର୍ଥ ସମୟ ବା ଅନ୍ଧକାର। ଦୁଷ୍ଟ ଶକ୍ତିର ବିନାଶ କରି ସଂସାରରେ ଶାନ୍ତି ଓ ଧର୍ମ ପ୍ରତିଷ୍ଠା କରିବା ପାଇଁ ମା' କାଳୀଙ୍କର ପୂଜା କରାଯାଏ। ଏହି ପୂଜା ମୁଖ୍ୟତଃ କାର୍ତ୍ତିକ ଅମାବାସ୍ୟାର ଅର୍ଦ୍ଧରାତ୍ରିରେ (ନିଶା ପୂଜା) ଅନୁଷ୍ଠିତ ହୋଇଥାଏ।

ପୌରାଣିକ ମାନ୍ୟତା ଅନୁସାରେ, ଦେବୀ କାଳୀଙ୍କ ଆବିର୍ଭାବ ଓ ପୂଜା ପଛରେ ଏକ ପ୍ରସିଦ୍ଧ କାହାଣୀ ରହିଛି। ରକ୍ତବୀଜ ନାମକ ଏକ ଶକ୍ତିଶାଳୀ ଅସୁର ଦେବତା ଓ ମଣିଷମାନଙ୍କ ଉପରେ ପ୍ରବଳ ଅତ୍ୟାଚାର କରୁଥିଲା। ତା'ର ଏକ ବିଶେଷ ଶକ୍ତି ଥିଲା ଯେ, ତା' ଶରୀରରୁ ବୁନ୍ଦାଏ ରକ୍ତ ଭୂମିରେ ପଡ଼ିଲେ ସେଥିରୁ ଆଉ ଏକ ରକ୍ତବୀଜ ସୃଷ୍ଟି ହେଉଥିଲା। ଏହି ଅସୁରକୁ ବଧ କରିବା ପାଇଁ ମା' ଦୁର୍ଗା ନିଜ କ୍ରୋଧରୁ ଦେବୀ କାଳୀଙ୍କୁ ସୃଷ୍ଟି କଲେ। ମା' କାଳୀ ରକ୍ତବୀଜର ବଧ କଲେ ଏବଂ ତା'ର ରକ୍ତ ଯେପରି ଭୂମିରେ ନ ପଡ଼ିବ, ସେଥିପାଇଁ ସବୁ ରକ୍ତକୁ ନିଜ ଜିଭରେ ପାନ କରିଗଲେ। ଅସୁର ନାଶ ପରେ ମଧ୍ୟ ମା'ଙ୍କ କ୍ରୋଧ ଶାନ୍ତ ହେଲାନାହିଁ ଏବଂ ସେ ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ, ଯାହା ଦ୍ୱାରା ସୃଷ୍ଟି ଧ୍ୱଂସ ହେବା ସ୍ଥିତିକୁ ଆସିଗଲା। ସଂସାରକୁ ରକ୍ଷା କରିବା ପାଇଁ ପ୍ରଭୁ ଶିବ ମା'ଙ୍କ ରାସ୍ତାରେ ଶୋଇପଡ଼ିଲେ। ନୃତ୍ୟ କରୁ କରୁ ଯେତେବେଳେ ମା' କାଳୀଙ୍କ ପାଦ ଶିବଙ୍କ ଉପରେ ପଡ଼ିଗଲା, ସେ ଲଜ୍ଜାରେ ନିଜ ଜିଭ ବାହାରକୁ କାଢ଼ିଲେ ଏବଂ ତାଙ୍କ କ୍ରୋଧ ଶାନ୍ତ ହେଲା। ଏହି ଶାନ୍ତ ରୂପକୁ ମନେ ପକାଇ ମା'ଙ୍କ ପୂଜା କରାଯାଏ। ସାଧାରଣ ପୂଜା ଦିନରେ ହେଉଥିବା ବେଳେ କାଳୀପୂଜା ଅମାବାସ୍ୟା ରାତିର ଗଭୀର ଅନ୍ଧକାରରେ ହୋଇଥାଏ। ଏହାକୁ 'ମହାନିଶା ପୂଜା' କୁହାଯାଏ। ଏହି ପୂଜା ଉଭୟ ସାଧାରଣ ଗୃହସ୍ଥ (ସନାତନ ରୀତି) ଏବଂ ସାଧକ (ତାନ୍ତ୍ରିକ ରୀତି)ଙ୍କ ଦ୍ୱାରା କରାଯାଏ। ମା'ଙ୍କୁ ଜବାଫୁଲ, ମଦ୍ୟ ଏବଂ ମାଂସ (କିଛି ସ୍ଥାନରେ) ଭୋଗ ଲଗାଯାଏ। ମା' କାଳୀଙ୍କ ପୂଜା କଲେ ମଣିଷ ମନରେ ଥିବା ଭୟ, ଅହଂକାର, କ୍ରୋଧ ଓ ନକାରାତ୍ମକ ଚିନ୍ତାଧାରାର ବିନାଶ ଘଟେ ବୋଲି ବିଶ୍ୱାସ ରହିଛି।

କାଳୀପୂଜା ସାରା ଭାରତରେ ହେଉଥିଲେ ମଧ୍ୟ ପୂର୍ବ ଭାରତରେ ଏହାର କ୍ରେଜ୍ ସବୁଠାରୁ ଅଧିକ। ଓଡ଼ିଶାରେ ଭଦ୍ରକର କାଳୀପୂଜା ସାରା ରାଜ୍ୟରେ ସବୁଠାରୁ ପ୍ରସିଦ୍ଧ। ଏଠାରେ ପ୍ରାୟ ୭ ରୁ ୯ ଦିନ ଧରି ବହୁତ ବଡ଼ ମେଳା ଜମେ ଏବଂ ଆକର୍ଷଣୀୟ ଆଲୋକମାଳାର ତୋରଣ ତିଆରି ହୁଏ। ଏହି ଦୁଇଟି ସ୍ଥାନରେ ମଧ୍ୟ ଅତ୍ୟନ୍ତ ଆଡମ୍ବର ସହକାରେ ଭବ୍ୟ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରି ପୂଜା କରାଯାଏ। କଟକର କିଛି ପୁରୁଣା ମଣ୍ଡପରେ (ଯେପରିକି ବାଲୁବଜାର) ମା' କାଳୀଙ୍କର ଚିତ୍ତାକର୍ଷକ ଚାନ୍ଦି ମେଢ଼ ଦେଖିବାକୁ ମିଳେ। ପଶ୍ଚିମବଙ୍ଗର ଏହା ଦୁର୍ଗାପୂଜା ପରେ ଦ୍ୱାରା ଦ୍ୱିତୀୟ ବଡ଼ ପର୍ବ। କୋଲକାତାର ପ୍ରସିଦ୍ଧ ଦକ୍ଷିଣେଶ୍ୱର କାଳୀ ମନ୍ଦିର ଏବଂ କାଳୀଘାଟ ମନ୍ଦିରରେ ଦୀପାବଳୀ ଦିନ ଲକ୍ଷ ଲକ୍ଷ ଭକ୍ତଙ୍କ ଭିଡ଼ ହୁଏ। ସେଠାରେ ଘରେ ଘରେ ମା' କାଳୀଙ୍କ ପୂଜା କରାଯାଏ। ଆସାମର ଗୁଆହାଟୀରେ ଥିବା ପ୍ରସିଦ୍ଧ ଶକ୍ତିପୀଠ କାମାଖ୍ୟା ମନ୍ଦିରରେ ଏହି ରାତିରେ ମା'ଙ୍କର ବିଶେଷ ଶକ୍ତି ପୂଜା ଓ ତାନ୍ତ୍ରିକ ଅନୁଷ୍ଠାନ ଅନୁଷ୍ଠିତ ହୁଏ।

ଐତିହାସିକ ଭଦ୍ରକ କାଳୀପୂଜା



ଭଦ୍ରକ ସହରର କାଳୀପୂଜା କେବଳ ଓଡ଼ିଶାରେ ନୁହେଁ, ବଙ୍ଗ ସାରା ପୂର୍ବ ଭାରତରେ ପ୍ରସିଦ୍ଧ। ଏହାର ଆରମ୍ଭ ପ୍ରାୟ ଶହେ ବର୍ଷରୁ ଅଧିକ ପୁରୁଣା। ଇତିହାସ ଅନୁସାରେ, ୧୯୬୨ ମସିହା ପାଖାପାଖି ସମୟରେ ଭଦ୍ରକର କିଛି ସ୍ଥାନୀୟ ବ୍ୟବସାୟୀ ଓ ସଂଗ୍ରାମୀଙ୍କ ପ୍ରେରଣାରେ ଏହି ପୂଜା ଆଡମ୍ବର ସହକାରେ ଆରମ୍ଭ ହୋଇଥିଲା। ବିଶେଷ କରି କଟକ ରୋଡ୍, ଜଗନ୍ନାଥପୁର ଏବଂ ଚରମ୍ପା ଅଞ୍ଚଳରୁ ଏହି ପୂଜାର ସୂତ୍ରପାତ ହୋଇଥିଲା। ଭଦ୍ରକ କାଳୀପୂଜାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏହାର ସାମ୍ପ୍ରଦାୟିକ ସଦ୍ଭାବ। ଏହି ପୂଜାରେ ହିନ୍ଦୁ ଏବଂ ମୁସଲିମ୍ ଉଭୟ ସମ୍ପ୍ରଦାୟର ଲୋକମାନେ ମିଳିମିଶି ଆୟୋଜନ କରନ୍ତି। ଏଠାରେ ମା'ଙ୍କ ପୂଜା ପ୍ରାୟ ଏକ ସପ୍ତାହରୁ ଅଧିକ ସମୟ ଧରି ଚାଲେ। ସାରା ସହରକୁ ସୁଦୃଶ୍ୟ ଆଲୋକମାଳା ଓ ଭବ୍ୟ ତୋରଣରେ ସଜାଯାଏ। ଏହି ସମୟରେ ହେଉଥିବା ମୀନାବଜାର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ହୁଏ।

ଶାସ୍ତ୍ର ଅନୁସାରେ ମା' କାଳୀଙ୍କର ଅନେକ ରୂପ ରହିଛି, ସେଥିମଧ୍ୟରୁ ଭଦ୍ରକାଳୀ। 'ଭଦ୍ର' ଶବ୍ଦର ଅର୍ଥ ହେଉଛି ମଙ୍ଗଳମୟ। ମା' ଭଦ୍ରକାଳୀ ହେଉଛନ୍ତି ମା'ଙ୍କର ଶାନ୍ତ, କଲ୍ୟାଣକାରୀ ଏବଂ ସୌମ୍ୟ ରୂପ। ସେ ନିଜ ଭକ୍ତମାନଙ୍କୁ ସମସ୍ତ ପ୍ରକାର ବିପଦରୁ ରକ୍ଷା କରନ୍ତି ଏବଂ ମଙ୍ଗଳ ପ୍ରଦାନ କରନ୍ତି। ଭଦ୍ରକ ସହରର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' ଭଦ୍ରକାଳୀ, ଯାହାଙ୍କ ନାମ ଅନୁସାରେ ଏହି ଜିଲ୍ଲାର ନାମକରଣ ହୋଇଛି।

ଶ୍ମଶାନ କାଳୀ, ଏହା ମା'ଙ୍କର ସବୁଠାରୁ ଭୟଙ୍କର ଏବଂ ଶକ୍ତିଶାଳୀ ରୂପ। ସେ ଶ୍ମଶାନରେ ବାସ କରନ୍ତି। ତାଙ୍କ ଶରୀର ଗଭୀର କଳା ରଙ୍ଗର ଏବଂ ସେ ନରମୁଣ୍ଡର ମାଳା ଧାରଣ କରିଥାନ୍ତି। ଏହି ରୂପ ଜୀବନ ଓ ମୃତ୍ୟୁର ଚରମ ସତ୍ୟକୁ ଦର୍ଶାଇଥାଏ। ତାନ୍ତ୍ରିକ ସାଧକମାନେ ସିଦ୍ଧି ପ୍ରାପ୍ତି ଏବଂ ମୋକ୍ଷ ପାଇଁ ଶ୍ମଶାନ କାଳୀଙ୍କର ଗୁପ୍ତ ସାଧନା କରନ୍ତି। ସେ ଭକ୍ତଙ୍କ ମନରୁ ମୃତ୍ୟୁର ଭୟ ଦୂର କରନ୍ତି। ଦକ୍ଷିଣା କାଳୀ, ଏହି ରୂପରେ ମା'ଙ୍କର ଡାହାଣ ପାଦ ପ୍ରଭୁ ଶିବଙ୍କ ବୁକୁ (ଛାତି) ଉପରେ ଥାଏ। ସାଧାରଣତଃ ଘରେ ଏବଂ ସର୍ବସାଧାରଣ ପୂଜା ମଣ୍ଡପରେ ମା' ଦକ୍ଷିଣା କାଳୀଙ୍କର ହିଁ ମୂର୍ତ୍ତି ପୂଜା କରାଯାଏ। ସେ ପ୍ରସନ୍ନ ମୁଦ୍ରାରେ ଥାନ୍ତି ଏବଂ ଭକ୍ତଙ୍କୁ ଆଶୀର୍ବାଦ ଓ ଅଭୟ ପ୍ରଦାନ କରନ୍ତି। ମହାକାଳୀ, ସୃଷ୍ଟିର ଆରମ୍ଭ ଓ ଶେଷର ଦେବୀ। ସେ ସମୟ ବା କାଳର ମଧ୍ୟ ନିୟନ୍ତ୍ରକ। ସେ ଦଶଟି ମୁଣ୍ଡ ଏବଂ ଦଶଟି ହାତ ବିଶିଷ୍ଟ ରୂପରେ ପୂଜା ପାଆନ୍ତି। ସେ ସମସ୍ତ ଶକ୍ତିର ଉତ୍ସ।

ପ୍ରସ୍ତୁତି : ସତ୍ୟଜିତ୍ ମହାପାତ୍ର (ସାମ୍ବାଦିକ) / ଅଳଙ୍କରଣ : ମାନସ ରଞ୍ଜନ ମୁଦୁଲି

ଆଲୋକ ଓ ସମୃଦ୍ଧିର ମହାପର୍ବ
ଦୀପାବଳୀ

ଏହାର ମହତ୍ତ୍ୱ ଓ ନିଆରା ପରମ୍ପରା
କେଉଁଠି କେମିତି ଜମୁଛି ଉତ୍ସବ ?





ଦୀପାବଳୀ ହେଉଛି ଆଲୋକର ଏକ ମହାନ ପର୍ବ। ଏହା ପ୍ରତିବର୍ଷ କାର୍ତ୍ତିକ ଅମାବାସ୍ୟା ତିଥିରେ ପାଳନ କରାଯାଏ। ଏହି ଦିନ ସମଗ୍ର ଦେଶ ଆଲୋକମାଳାରେ ଝଲସି ଉଠେ। ଦୀପାବଳୀ ଶବ୍ଦଟି 'ଦୀପ' ଏବଂ 'ଆବଳୀ' (ଯାହାର ଅର୍ଥ ଧାଡ଼ି)ର ମିଶ୍ରଣରୁ ସୃଷ୍ଟି ହୋଇଛି। ଅର୍ଥାତ୍ ଦୀପର ଧାଡ଼ି ବା ଆଲୋକର ପର୍ବକୁ ଦୀପାବଳୀ କୁହାଯାଏ। ଏହି ପର୍ବ ଅନ୍ଧାର ଉପରେ ଆଲୋକର, ଅଧର୍ମ ଉପରେ ଧର୍ମର ଏବଂ ଅସତ୍ୟ ଉପରେ ସତ୍ୟର ବିଜୟକୁ ସୂଚାଇଥାଏ। ଏହି ପର୍ବ ପାଳନ କରିବା ପଛରେ ଅନେକ ପୌରାଣିକ ଏବଂ ସାମାଜିକ କାରଣ ରହିଛି। ତ୍ରେତୟା ଯୁଗରେ ଭଗବାନ ଶ୍ରୀରାମ ଲଙ୍କାପତି ରାବଣକୁ ବଧ କରି, ୧୪ ବର୍ଷର ବନବାସ ଶେଷ କରି ଏହି ଦିନ ମାତା ସୀତା ଏବଂ ଭ୍ରାତା ଲକ୍ଷ୍ମଣଙ୍କ ସହ ଅଯୋଧ୍ୟା ଫେରିଥିଲେ। ତାଙ୍କ ସ୍ୱାଗତ ପାଇଁ ଅଯୋଧ୍ୟାବାସୀ ସାରା ନଗରକୁ ଘିଅ ଦୀପ ଜଳାଇ ଆଲୋକିତ କରିଥିଲେ। ପୌରାଣିକ ମାନ୍ୟତା ଅନୁସାରେ, ସମୁଦ୍ର ମନ୍ଥନ ସମୟରେ କାର୍ତ୍ତିକ ମାସର ଅମାବାସ୍ୟା ଦିନ ଧନ ଓ ସମୃଦ୍ଧିର ଦେବୀ ମାତା ଲକ୍ଷ୍ମୀ ଆବିର୍ଭୂତ ହୋଇଥିଲେ। ତେଣୁ ଏହି ଦିନ ମା' ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା କରାଯାଏ। ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ଏବଂ ତାଙ୍କ ପତ୍ନୀ ସତ୍ୟଭାମା ଅତ୍ୟାଚାରୀ ଅସୁର ନରକାସୁରକୁ ବଧ କରି ୧୬ ହଜାର ନାରୀଙ୍କୁ ତାଙ୍କ କାରାଗାରରୁ ମୁକ୍ତ କରିଥିଲେ। ଏହି ଖୁସିରେ ଲୋକମାନେ ଦୀପ ଜଳାଇ ଉତ୍ସବ ପାଳନ କରିଥିଲେ। ଓଡ଼ିଶାରେ ଏହି ଦିନ ପୟାଶ୍ରାଦ୍ଧ ବା ବଡ଼ବଡୁଆ ଡାକ ଦିଆଯାଏ। କାଉଁରିଆ କାଠି ଜଳାଇ ପିତୃପୁରୁଷଙ୍କୁ ସ୍ୱର୍ଗଲୋକକୁ ଫେରିଯିବା ପାଇଁ ଆଲୋକ ଦେଖାଯାଏ ଏବଂ "ବଡ଼ବଡୁଆ ହୋ, ଅନ୍ଧାରରେ ଆସି ଆଲୁଅରେ ଯାଅ..." ବୋଲି ପ୍ରାର୍ଥନା କରାଯାଏ। ଲୋକମାନେ ନିଜ ଘରଦ୍ୱାର ସଫାସୁତୁରା କରି ରଙ୍ଗୋଲି, ଫୁଲ ଏବଂ ରଙ୍ଗୀନ ଆଲୋକମାଳାରେ ସଜାନ୍ତି। ସନ୍ଧ୍ୟା ସମୟରେ ସୁଖ, ସମୃଦ୍ଧି ଓ ସଦ୍‌ବୁଦ୍ଧି ପାଇଁ ମା' ଲକ୍ଷ୍ମୀ ଏବଂ ପ୍ରଭୁ ଗଣେଶଙ୍କର ବିଶେଷ ପୂଜା ଅନୁଷ୍ଠିତ ହୁଏ। ବ୍ୟବସାୟୀମାନେ ଏହି ଦିନ ନୂତନ ଖାତା ପୂଜା କରନ୍ତି। ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ଆସାମ ଭଳି ରାଜ୍ୟରେ ଏହି ରାତିରେ ଶକ୍ତିର ଦେବୀ ମା' କାଳୀଙ୍କର ଭବ୍ୟ ପୂଜା କରାଯାଏ। ପୂଜା ପରେ ସମସ୍ତେ ଘର ଚାରିପାଖରେ ମାଟି ଦୀପ ଜଳାନ୍ତି, ମିଠା ବାଣ୍ଟନ୍ତି ଏବଂ ବାଣ ଫୁଟାଇ ଖୁସି ମନାନ୍ତି।

ଦୀପାବଳୀର ସ୍ୱତନ୍ତ୍ର ବିଶେଷତ୍ୱ ହେଉଛି ଏହା କେବଳ ଏକ ଧାର୍ମିକ ପର୍ବ ନୁହେଁ, ବରଂ ଏହା ବିଭିନ୍ନ ରାଜ୍ୟର ସଂସ୍କୃତି, ପରମ୍ପରା ଏବଂ ଭାଇଚାରାର ଏକ ମହାମିଳନ। ଏହି ପର୍ବ ଭାରତ ସମେତ ସାରା ବିଶ୍ୱରେ ବହୁତ ଉତ୍ସାହର ସହ ପାଳନ କରାଯାଏ। ଏହି ପର୍ବକୁ କେବଳ ହିନ୍ଦୁ ଧର୍ମର ଲୋକ ନୁହନ୍ତି, ବରଂ ଶିଖ୍ (ବନ୍ଦୀ ଛୋଡ଼ ଦିବସ), ଜୈନ (ମହାବୀରଙ୍କ ମୋକ୍ଷ ଦିବସ) ଏବଂ ବୌଦ୍ଧ ଧର୍ମର ଲୋକମାନେ ମଧ୍ୟ ନିଜ ନିଜ ଢଙ୍ଗରେ ପାଳନ କରନ୍ତି। ଦୀପାବଳୀ ଶୀତ ଋତୁର ଆଗମନକୁ ସୂଚାଇଥାଏ। ଏହି ସମୟରେ ଘର ସଫା କରିବା ଦ୍ୱାରା ବର୍ଷା ଦିନେ ସୃଷ୍ଟି ହୋଇଥିବା କୀଟପତଙ୍ଗ ନଷ୍ଟ ହୋଇଯାନ୍ତି। ଏହା ଭାରତର ସବୁଠାରୁ ବଡ଼ ବ୍ୟବସାୟିକ ସମୟ। ନୂଆ ଗାଡ଼ି, ସୁନା, କପଡ଼ା ଏବଂ ଘରକରଣା ସାମଗ୍ରୀ କିଣିବା ପାଇଁ ଏହାକୁ ସବୁଠାରୁ ଶୁଭ ସମୟ ମାନାଯାଏ। ଭଗବାନ ରାମଙ୍କ ଜନ୍ମଭୂମି ଅଯୋଧ୍ୟାରେ ଦୀପାବଳୀ ସବୁଠାରୁ ଖାସ୍ ହୋଇଥାଏ। ଏଠାରେ ସରଯୂ ନଦୀ କୂଳରେ ଲକ୍ଷ ଲକ୍ଷ ମାଟି ଦୀପ ଜଳାଇ ବିଶ୍ୱ ରେକର୍ଡ ସୃଷ୍ଟି କରାଯାଏ। ସାରା ଅଯୋଧ୍ୟା ନଗରୀ ସ୍ୱର୍ଗ ଭଳି ଦୃଶ୍ୟମାନ ହୁଏ। ବାରାଣସୀ ବା କାଶୀ (ଉତ୍ତର ପ୍ରଦେଶ)ରେ ଦୀପାବଳୀର ୧୫ ଦିନ ପରେ କାର୍ତ୍ତିକ ପୂର୍ଣ୍ଣିମାରେ ଏଠାରେ 'ଦେବ ଦୀପାବଳୀ' ପାଳନ କରାଯାଏ। ମାନ୍ୟତା ଅଛି ଯେ ଏହି ଦିନ ଦେବତାମାନେ ଗଙ୍ଗା ନଦୀ କୂଳକୁ ଓହ୍ଲାଇ ଆସନ୍ତି। ଗଙ୍ଗାର ସମସ୍ତ ଘାଟରେ ଲକ୍ଷ ଲକ୍ଷ ଦୀପ ଜଳାଯାଏ ଏବଂ ମହାନ ଗଙ୍ଗା ଆଳତି ହୁଏ। ଉତ୍ତର ଭାରତରେ ଲକ୍ଷ୍ମୀ ପୂଜା ହେଉଥିବା ବେଳେ ଓଡ଼ିଶା (ବିଶେଷ କରି ଭଦ୍ରକ, ପିପିଲି, ଚଉଦ୍ୱାର) ଏବଂ ପଶ୍ଚିମବଙ୍ଗରେ ଏହି ରାତିରେ ମା' କାଳୀଙ୍କ ପୂଜା ଖୁବ୍ ଧୂମଧାମରେ ହୁଏ। ଓଡ଼ିଶାରେ 'କାଉଁରିଆ କାଠି ଜଳାଇ' ପିତୃପୁରୁଷଙ୍କୁ ଡାକିବାର ସ୍ୱତନ୍ତ୍ର ପରମ୍ପରା ରହିଛି, ଯାହା ଅନ୍ୟ କେଉଁଠି ଦେଖିବାକୁ ମିଳେନାହିଁ।

ଅମୃତସର (ପଞ୍ଜାବ) - ସ୍ୱର୍ଣ୍ଣ ମନ୍ଦିରରେ ଶିଖ୍ ସମ୍ପ୍ରଦାୟ ପାଇଁ ଏହା ଅତି ଗୁରୁତ୍ୱପୂର୍ଣ୍ଣ। ଏହି ଦିନ ସେମାନଙ୍କର ଷଷ୍ଠ ଗୁରୁ ହରଗୋବିନ୍ଦ ଜୀ ମୁଗଲ କାରାଗାରରୁ ମୁକ୍ତ ହୋଇଥିଲେ। ଦୀପାବଳୀ ଦିନ ଅମୃତସରର ସ୍ୱର୍ଣ୍ଣ ମନ୍ଦିର ଆଲୋକମାଳା ଓ ଚିତ୍ତାକର୍ଷକ ବାଣ ରୋଶଣୀରେ ଝଲସି ଉଠେ। "ଦାଲ ରୋଟି ଘର ଦି, ଦିୱାଲୀ ଅମୃତସର ଦି" (ଅର୍ଥାତ୍ ଅମୃତସରର ଦୀପାବଳୀ ସବୁଠାରୁ ଶ୍ରେଷ୍ଠ) ବୋଲି ଏକ ଲୋକକଥା ରହିଛି। ଗୋଆରେ ଦୀପାବଳୀର ଗୋଟିଏ ଦିନ ପୂର୍ବରୁ (ନରକ ଚତୁର୍ଦ୍ଦଶୀ) ନରକାସୁରର ବଡ଼ ବଡ଼ କୁଶପୁତ୍ତଳିକା ତିଆରି କରାଯାଏ ଏବଂ ଭୋର ସମୟରେ ତାହାକୁ ଦାହ କରାଯାଏ, ଯାହା ଦେଖିବାକୁ ବହୁ ପର୍ଯ୍ୟଟକ ଆସନ୍ତି। ଭାରତ ବାହାରେ ନେପାଳ (ଯେଉଁଠି ଏହାକୁ 'ତିହାର' କୁହାଯାଏ), ଶ୍ରୀଲଙ୍କା, ମାଲେସିଆ, ସିଙ୍ଗାପୁର, ମରିସସ ଏବଂ ଆମେରିକା-ବ୍ରିଟେନରେ ଥିବା ପ୍ରବାସୀ ଭାରତୀୟମାନେ ଏହାକୁ ବହୁତ ବଡ଼ ଆକାରରେ ପାଳନ କରନ୍ତି। ଆମେରିକାର ହ୍ୱାଇଟ୍ ହାଉସ୍‌ରେ ମଧ୍ୟ ପ୍ରତିବର୍ଷ ଦୀପାବଳୀ ଦୀପ ପ୍ରଜ୍ୱଳନ କରାଯାଏ।

ଓଡ଼ିଶାରେ ଦୀପାବଳୀର ଉତ୍ସବ ଅନ୍ୟ ରାଜ୍ୟ ତୁଳନାରେ ସମ୍ପୂର୍ଣ୍ଣ ନିଆରା। ଏଠାରେ ଆଲୋକର ଉତ୍ସବ ସହିତ ପିତୃପୁରୁଷଙ୍କ ପ୍ରତି ଶ୍ରଦ୍ଧା ଏବଂ ଶକ୍ତି ପୂଜାର ଏକ ଅପୂର୍ବ ସମନ୍ୱୟ ଦେଖିବାକୁ ମିଳେ। ଓଡ଼ିଶାରେ ଦୀପାବଳୀ ଦିନ କେବଳ ଖୁସି ମନାଯାଏ ନାହିଁ, ବରଂ ନିଜର ସ୍ୱର୍ଗତ ପିତୃପୁରୁଷଙ୍କୁ ମନେ ପକାଯାଏ। ଏହାକୁ ପୟାଶ୍ରାଦ୍ଧ ବୋଲି ମଧ୍ୟ କୁହାଯାଏ। ସନ୍ଧ୍ୟା ସମୟରେ ପରିବାରର ସମସ୍ତ ସଦସ୍ୟ ଏକାଠି ହୋଇ ଘର ଆଗରେ ବା ଚଉରା ମୂଳେ କାଉଁରିଆ କାଠିରେ ନିଆଁ ଲଗାଇ ଆକାଶ ଆଡ଼କୁ ଦେଖାନ୍ତି। କାଠି ଜଳାଇବା ସମୟରେ ସମସ୍ତେ ଏକସ୍ୱରରେ ଡାକନ୍ତି: "ବଡ଼ବଡୁଆ ହୋ, ଅନ୍ଧାରରେ ଆସି ଆଲୁଅରେ ଯାଅ...। ବିଶ୍ୱାସ କରାଯାଏ ଯେ ମହାଳୟା ଅମାବାସ୍ୟା ଦିନ ପିତୃପୁରୁଷମାନେ ମର୍ତ୍ତ୍ୟଲୋକକୁ ଆସନ୍ତି। ଦୀପାବଳୀ ହେଉଛି ସେମାନଙ୍କର ଫେରିବା ସମୟ। ସେମାନେ ଯେମିତି ଅନ୍ଧାରରେ ବାଟ ନ ହଜାଇ ସ୍ୱର୍ଗଲୋକକୁ ଶାନ୍ତିରେ ଫେରିଯିବେ, ସେଥିପାଇଁ ବଂଶଧରମାନେ ଏହି ଆଲୋକ ଦେଖାଇ ସେମାନଙ୍କ ଆଶୀର୍ବାଦ ଭିକ୍ଷା କରନ୍ତି। ସିଂହଦ୍ୱାର ସମ୍ମୁଖରେ ଏହି ଦୃଶ୍ୟ ଅତି ଭବ୍ୟ ହୋଇଥାଏ।

ଉତ୍ତର ଓ ପଶ୍ଚିମ ଭାରତରେ ଦୀପାବଳୀ ଦିନ ଲକ୍ଷ୍ମୀ-ଗଣେଶଙ୍କ ପୂଜା ହେଉଥିବା ବେଳେ, ଓଡ଼ିଶାରେ କାର୍ତ୍ତିକ ଅମାବାସ୍ୟା ନିଶାର୍ଦ୍ଧରେ ମା' କାଳୀଙ୍କର ସ୍ୱତନ୍ତ୍ର ପୂଜା କରାଯାଏ। ଓଡ଼ିଶାର ଭଦ୍ରକ, ଭଦ୍ରକଲୀ ପାଠ, ପିପିଲି, ଚଉଦ୍ୱାର, କଟକ ଏବଂ ବାରିପଦାରେ କାଳୀ ପୂଜା ଅତ୍ୟନ୍ତ ଧୂମଧାମରେ ପାଳନ କରାଯାଏ। ଏହି ସମୟରେ ସହରଗୁଡ଼ିକରେ ଆଖିଦୃଶିଆ ଆଲୋକମାଳାର ତୋରଣ ତିଆରି ହୁଏ। ମା'ଙ୍କର ଭବ୍ୟ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରାଯାଇ ଅତି କମରେ ୩ ରୁ ୫ ଦିନ ଧରି ମହୋତ୍ସବ ଚାଲେ। ଭଦ୍ରକର କାଳୀ ପୂଜା ଏଥିପାଇଁ ସାରା ଓଡ଼ିଶାରେ ପ୍ରସିଦ୍ଧ। ଏହି ରାତିରେ ମା'ଙ୍କ ପାଖରେ ବିଶେଷ ନିଶା ପୂଜା ଅନୁଷ୍ଠିତ ହୁଏ, ଯେଉଁଠି ଦୁଷ୍ଟ ଶକ୍ତିର ବିନାଶ ଏବଂ ସଂସ



ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସର
(JANABARTTA SWABHIMANI ODIANKA SWARA)

ଦକ୍ଷିଣ ଓଡ଼ିଶାରେ ବାତ୍ୟା 'ଅର୍ଣ୍ଣବ'ର ତାଣ୍ଡବ, ବନ୍ୟା ପରିସ୍ଥିତି ଗମ୍ଭୀର

ପ୍ରବଳ ବର୍ଷାରେ ଜଳମଗ୍ନ ଗଞ୍ଜାମ ଓ ଗଜପତି





- ତପ୍ତପାଣି ଘାଟିରେ ଅତଡ଼ା ଧସି ଜାତୀୟ ରାଜପଥ ବନ୍ଦ
- ପ୍ରଶାସନର ତତ୍ପରତା ଯୋଗୁଁ ଟଳିଲା ବଡ଼ ବିପତ୍ତି
- ନଦୀରେ ବନ୍ୟା ଜଳ, ଗାଁରେ ପଶିଲା ପାଣି
- 'ଶୂନ୍ୟ ଜୀବନହାନି' ଲକ୍ଷ୍ୟ ପୂରଣ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୧/ ୧୦(ଜେଏନ୍ଏସ୍): ପଡ଼ୋଶୀ ଆନ୍ଧ୍ରପ୍ରଦେଶ ଉପକୂଳରେ ଲ୍ୟାଣ୍ଡଫଲ୍ କରିବା ପରେ ବାତ୍ୟା 'ଅର୍ଣ୍ଣବ' ଓଡ଼ିଶାରେ ଏହାର ପ୍ରଳୟଙ୍କରୀ ରୂପ ଦେଖାଇଛି। ବାତ୍ୟାର ପ୍ରଭାବରେ ବିଶେଷ କରି ଦକ୍ଷିଣ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ଗତ ୩୬ ଘଣ୍ଟା ହେବ ଅବିଶ୍ରାନ୍ତ ବର୍ଷା ଜାରି ରହିଛି। ପ୍ରବଳ ବର୍ଷା ଯୋଗୁଁ ବହୁ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ବ୍ୟାପକ ଧନଜୀବନ ପ୍ରଭାବିତ ହୋଇଛି। ତେବେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନର ପୂର୍ବ ପ୍ରସ୍ତୁତି ଏବଂ ସତର୍କତା ଯୋଗୁଁ ବଡ଼ ଧରଣର ଜୀବନହାନିକୁ ଏଡ଼ାଇ ଦିଆଯାଇପାରିଛି।

ବାତ୍ୟା ଜନିତ ବର୍ଷା ଯୋଗୁଁ ଗଞ୍ଜାମ ଜିଲ୍ଲାର ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବିଶେଷ କରି ସୋରଡ଼ା, ଦିଗପହଣ୍ଡି ଏବଂ ଆସିକା ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଲଗାତାର ବର୍ଷା ଯୋଗୁଁ ରଷିକୂଲ୍ୟା ଏବଂ ଘୋଡ଼ାହାଡ଼ ନଦୀର ଜଳସ୍ତର ବିପଦ ସଙ୍କେତ ଉପରକୁ ଉଠିଛି। ନଦୀର ବନ୍ୟା ଜଳ ଅନେକ ତଳିଆ ଅଞ୍ଚଳ ଏବଂ ଚାଷଜମିରେ ପ୍ରବେଶ କରିବା ଫଳରେ ଏକର ଏକର ପନିପରିବା ଓ ଧାନ ଚାଷ ନଷ୍ଟ ହୋଇଯାଇଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ବିପନ୍ନମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି।

ଅପରପକ୍ଷରେ ଗଜପତି ଜିଲ୍ଲାରେ ବାତ୍ୟା ଯୋଗୁଁ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ପ୍ରବଳ ବର୍ଷା କାରଣରୁ ପ୍ରସିଦ୍ଧ ତପ୍ତପାଣି ଘାଟିରେ ପାହାଡ଼ରୁ ଏକ ବଡ଼ ଅତଡ଼ା ଏବଂ ବିଶାଳ ପଥର ଖଣ୍ଡ ରାସ୍ତା ଉପରକୁ ଖସି ପଡ଼ିଛି। ଏହାଫଳରେ ୩୨୬ ନମ୍ବର ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଗଞ୍ଜାମ ଓ ଗଜପତି ମଧ୍ୟରେ ସଂଯୋଗ କରୁଥିବା ଏହି ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଛି। ଓଡ୍ରାଫ୍ ଏବଂ ଅଗ୍ନିଶମ ବାହିନୀ ଯୁଦ୍ଧକାଳୀନ ଭିତ୍ତିରେ ପଥର କାଟି ରାସ୍ତା ସଫା କରିବା କାର୍ଯ୍ୟରେ ନିୟୋଜିତ ଅଛନ୍ତି।

ରାଜ୍ୟର ପ୍ରାୟ ୧୭ଟି ଜିଲ୍ଲା ଏହି ବାତ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଉଚ୍ଚସ୍ତରୀୟ ବୈଠକରେ ସ୍ଥିତିର ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, "ଆମର ମୁଖ୍ୟ ଲକ୍ଷ୍ୟ 'ଶୂନ୍ୟ ଜୀବନହାନି' ଥିଲା ଏବଂ ପ୍ରଶାସନର ଦିନରାତି ପରିଶ୍ରମ ଯୋଗୁଁ କୌଣସି ନାଗରିକଙ୍କ ଜୀବନ ଯାଇନାହିଁ।" ବର୍ତ୍ତମାନ ବାତ୍ୟା ଦୁର୍ବଳ ହୋଇ ଅବପାତରେ ପରିଣତ ହୋଇଥିବାରୁ ବର୍ଷାର ପରିମାଣ କମିବ ବୋଲି ଆଶା କରାଯାଉଛି। ତେବେ ବନ୍ୟାଞ୍ଚଳରେ ରୋଗବ୍ୟାଧି ରୋକିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

ପିଏମ୍-କିଷାନ ଉତ୍ସବ କାର୍ଯ୍ୟକ୍ରମରେ ଚାଷୀଙ୍କୁ ଗୁରୁମନ୍ତ୍ର ଦେଲେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ

ଚାଷୀଙ୍କ ଆକାଉଣ୍ଟକୁ ଗଲା ୭୦୦ କୋଟିରୁ ଅଧିକ ଟଙ୍କାର ସହାୟତା



ଭୁବନେଶ୍ୱର, ୩୧/୧୦(ଜେଏନ୍ଏସ୍): ରାଜ୍ୟର କୃଷି ଓ କୃଷକଙ୍କ ବିକାଶକୁ ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି। ଆଜି 'ପିଏମ୍-କିଷାନ ଉତ୍ସବ ଦିବସ' ଅବସରରେ ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୃଷି ଶିକ୍ଷା ସଦନଠାରେ ଏକ ମେଗା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଭବ୍ୟ ସମାରୋହରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଶାର ଚାଷୀଭାଇଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ବିଷୟରେ ଆଲୋଚନା କରିଛନ୍ତି।

କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଚାଷୀମାନେ ହେଉଛନ୍ତି ଆମ ଅର୍ଥନୀତିର ମେରୁଦଣ୍ଡ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆଜି ଜାରି କରାଯାଇଥିବା ୨୪ତମ କିସ୍ତି ସହାୟତା ଦ୍ୱାରା ଓଡ଼ିଶାର ୩୫ ଲକ୍ଷରୁ ଅଧିକ କୃଷକ ପରିବାର ସିଧାସଳଖ ଉପକୃତ ହୋଇଛନ୍ତି। ରାଜ୍ୟର ଚାଷୀଙ୍କ ଖାତାକୁ ସିଧାସଳଖ ୭୦୦ କୋଟିରୁ ଅଧିକ ଟଙ୍କା ହସ୍ତାନ୍ତର କରାଯାଇଛି। ସରକାର ଚାଷୀଙ୍କୁ ବିଜେଟ୍, ସାର, ଏବଂ ସଠିକ୍ ବଜାର ବ୍ୟବସ୍ଥା ଯୋଗାଇ ଦେବା ପାଇଁ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ବୋଲି ସେ ପ୍ରକାଶ କରିଛନ୍ତି।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଚାଷୀମାନଙ୍କୁ ପାରମ୍ପରିକ ଚାଷ ବଦଳରେ ଆଧୁନିକ ଓ ବୈଜ୍ଞାନିକ ଜ୍ଞାନକୌଶଳ ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ, ଡଟଇଞ୍ଚ ଭଳି ଅନୁଷ୍ଠାନର ବୈଜ୍ଞାନିକମାନେ ପ୍ରସ୍ତୁତ କରୁଥିବା ଉନ୍ନତମାନର ବିହନ ଏବଂ କୃଷି ପ୍ରଣାଳୀକୁ ଚାଷୀଙ୍କ ନିକଟରେ ପହଞ୍ଚାଇବା ପାଇଁ ପ୍ରଶାସନ ବ୍ୟାପକ ବ୍ୟବସ୍ଥା କରୁଛି। ଏହାସହ ରାଜ୍ୟରେ ଜଳସେଚନର ସୁବିଧାକୁ ଆହୁରି ସୁଦୃଢ଼ କରାଯାଉଛି ବୋଲି ସେ ସୂଚନା ଦେଇଛନ୍ତି। ଏହି ସମାରୋହରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ଶତାଧିକ ପ୍ରଗତିଶୀଳ ଚାଷୀଙ୍କୁ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। କୃଷି ବିଭାଗର ବରିଷ୍ଠ ଅଧିକାରୀ ଏବଂ ଏଫ୍ଏଓର କର୍ତ୍ତୃପକ୍ଷ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ନଭେମ୍ବର ୧୮ ରୁ ଓଡ଼ିଶା ବିଧାନସଭାର ଶୀତକାଳୀନ ଅଧିବେଶନ



- ରାଜ୍ୟପାଳଙ୍କ ଅନୁମୋଦନ ପରେ ସଚିବାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ
- ପ୍ରଥମ ଦିନରେ ଉପସ୍ଥାପନ ହେବ ଅତିରିକ୍ତ ବଜେଟ୍
- ସରକାରଙ୍କୁ ଘେରିବାକୁ ବିରୋଧୀ ପ୍ରସ୍ତୁତ, କମ୍ପିବ ଗୃହ
- ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପସ୍ଥାପନ ହେବା ସମ୍ଭାବନା

ଭୁବନେଶ୍ୱର, ୩୧/୧୦(ଜେଏନ୍ଏସ୍): ଓଡ଼ିଶା ବିଧାନସଭାର ଆଗାମୀ ଶୀତକାଳୀନ ଅଧିବେଶନ ଆସନ୍ତା ନଭେମ୍ବର ୧୮ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ରାଜ୍ୟପାଳଙ୍କ ଅନୁମୋଦନ ମିଳିବା ପରେ ବିଧାନସଭା ସଚିବାଳୟ ପକ୍ଷରୁ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଅଧିବେଶନ ଆସନ୍ତା ଡିସେମ୍ବର ମାସ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ଏଥିରେ ଅନେକ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟଖସଡ଼ା ଓ ବିଲ୍ ଉପସ୍ଥାପନ ହେବାର କାର୍ଯ୍ୟକ୍ରମ ରହିଛି। ବିଶେଷ କରି ଅଧିବେଶନର ପ୍ରଥମ ଦିନରେ ହିଁ ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବଜେଟ୍ ଉପସ୍ଥାପନ କରାଯିବ। ବିଜ୍ଞପ୍ତି ଅନୁଯାୟୀ, ନଭେମ୍ବର ୧୮ ତାରିଖ ପୂର୍ବାହ୍ନରେ ଗୃହର କାର୍ଯ୍ୟକ୍ରମ ଆରମ୍ଭ ହେବ। ପ୍ରଥମ ଦିନରେ ହିଁ ଅର୍ଥମନ୍ତ୍ରୀ ଚଳିତ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବଜେଟ୍ ଉପସ୍ଥାପନ କରିବେ। ରାଜ୍ୟରେ ନୂତନ ଭାବେ ଚାଲୁ ହୋଇଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା, ଭିତ୍ତିଭୂମି ବିକାଶ ଏବଂ ବାତ୍ୟା ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟ ପାଇଁ ଏହି ଅତିରିକ୍ତ ବଜେଟ୍‌ରେ ସ୍ୱତନ୍ତ୍ର ଅର୍ଥ ବ୍ୟବସ୍ଥା କରାଯିବ ବୋଲି ସୂଚନା ମିଳିଛି। ପରବର୍ତ୍ତୀ ଦିନଗୁଡ଼ିକରେ ଏହି ବଜେଟ୍ ଉପରେ ଆଲୋଚନା ହୋଇ ଏହା ଗୃହରେ ଗୃହୀତ ହେବ।

ଏହି ଶୀତକାଳୀନ ଅଧିବେଶନ ବେଶ୍ ସରଗରମ ହେବାର ସମ୍ଭାବନା ରହିଛି। ବିଭିନ୍ନ ସାମ୍ପ୍ରତିକ ପ୍ରସଙ୍ଗ, ଆଇନ ଶୃଙ୍ଖଳା ପରିସ୍ଥିତି, ଚାଷୀ ସମସ୍ୟା ଏବଂ ନିକଟରେ ରାଜ୍ୟରେ ହୋଇଥିବା ବାତ୍ୟା ଓ ବନ୍ୟା କ୍ଷୟକ୍ଷତି ସହାୟତା ବଣ୍ଟନରେ ଅନିୟମିତତା ଅଭିଯୋଗ ଆଣି ସରକାରଙ୍କୁ ଘେରିବା ପାଇଁ ବିରୋଧୀ ଦଳଗୁଡ଼ିକ ରଣନୀତି ପ୍ରସ୍ତୁତ କରୁଛନ୍ତି। ଅପରପକ୍ଷରେ, ଶାସକ ଦଳ ମଧ୍ୟ ବିରୋଧୀଙ୍କ ସମସ୍ତ ପ୍ରଶ୍ନର କଡ଼ା ଜବାବ ଦେବା ସହ ନିଜର ସଫଳତା ଓ ଜନହିତକର କାର୍ଯ୍ୟକୁ ଗୃହରେ ସାମ୍ନାକୁ ଆଣିବା ପାଇଁ ରଣନୀତି ତିଆରି କରୁଛି।

ବିଧାନସଭା ଅଧିବେଶନ ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ପୋଲିସ ପ୍ରଶାସନ ପକ୍ଷରୁ କୁହାଯାଇଛି। ବିଧାନସଭା ପରିସର ଏବଂ ଏହାର ଆଖପାଖ ଅଞ୍ଚଳରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯିବା ସହ ସିସିଟିଭି ମାଧ୍ୟମରେ କଡ଼ା ନଜର ରଖାଯିବ। ଅଧିବେଶନକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଖୁବଶୀଘ୍ର ଏକ ସର୍ବଦଳୀୟ ବୈଠକ ମଧ୍ୟ ଡକାଯିବାର କାର୍ଯ୍ୟକ୍ରମ ରହିଛି।

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଟ୍ରେନର ଶୁଭାରମ୍ଭ

ଅଯୋଧ୍ୟା ଓ ବାରଣାସୀ ଗଲେ ତୀର୍ଥଯାତ୍ରୀ



- ସରକାର ବହନ କରିବେ ସମସ୍ତ ଖର୍ଚ୍ଚ
- ଯାତ୍ରୀଙ୍କ ସ୍ୱାସ୍ଥ୍ୟ ଉପରେ ରହିବ ସ୍ୱତନ୍ତ୍ର ନଜର

ଭୁବନେଶ୍ୱର, ୩୧/୧୦(ଜେଏନ୍ଏସ୍): ରାଜ୍ୟର ବରିଷ୍ଠ ନାଗରିକମାନଙ୍କୁ ଦେଶର ପ୍ରମୁଖ ଧାର୍ମିକ ସ୍ଥଳ ଦର୍ଶନ କରାଇବା ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ ପକ୍ଷରୁ 'ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା' ଅଧୀନରେ ଆଉ ଏକ ସ୍ୱତନ୍ତ୍ର ଟ୍ରେନର ଶୁଭାରମ୍ଭ କରାଯାଇଛି। ଚଳିତ ଆର୍ଥିକ ବର୍ଷର ଏହି ଷଷ୍ଠ ତୀର୍ଥଯାତ୍ରୀ ଟ୍ରେନଟି ଭୁବନେଶ୍ୱର ରେଳ ଷ୍ଟେସନରୁ ପବିତ୍ର ଧାମ ବାରଣାସୀ ଏବଂ ପ୍ରଭୁ ଶ୍ରୀରାମଙ୍କ ଜନ୍ମଭୂମି ଅଯୋଧ୍ୟା ଅଭିମୁଖେ ଯାତ୍ରା କରିଛି। ଓଡ଼ିଶା ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଭୁବନେଶ୍ୱର ରେଳ ଷ୍ଟେସନରେ ଉପସ୍ଥିତ ରହି ଏହି ସ୍ୱତନ୍ତ୍ର ଟ୍ରେନକୁ ପତାକା ଦେଖାଇ ଆନୁଷ୍ଠାନିକ ଭାବେ ରୱାନା କରିଛନ୍ତି।

ଏହି ସ୍ୱତନ୍ତ୍ର ଟ୍ରେନରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ଶତାଧିକ ବରିଷ୍ଠ ନାଗରିକ (ଉଭୟ ପୁରୁଷ ଓ ମହିଳା) ସାମିଲ ହୋଇଛନ୍ତି। ଜୀବନର ସାୟାହ୍ନରେ ସରକାରୀ ଖର୍ଚ୍ଚରେ କାଶୀ ବିଶ୍ୱନାଥ ଓ ପ୍ରଭୁ ଶ୍ରୀରାମ ଲାଲାଙ୍କ ଦର୍ଶନ କରିବାର ସୁଯୋଗ ପାଇଥିବାରୁ ତୀର୍ଥଯାତ୍ରୀମାନଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଓ ଆନନ୍ଦ ଦେଖିବାକୁ ମିଳିଥିଲା। ଟ୍ରେନ ଛାଡ଼ିବା ସମୟରେ ପୂରା ଷ୍ଟେସନ ପରିସର 'ଜୟ ଶ୍ରୀରାମ' ଏବଂ 'ହର ହର ମହାଦେବ' ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା। ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଯାତ୍ରୀମାନଙ୍କ ପାଖକୁ ଯାଇ ସେମାନଙ୍କ ସହ ଆଲୋଚନା କରିବା ସହ ସମସ୍ତଙ୍କର ମଙ୍ଗଳମୟ ଯାତ୍ରା କାମନା କରିଥିଲେ।

ଏହି ଯୋଜନା ଅଧୀନରେ ଯାତ୍ରା କରୁଥିବା ବରିଷ୍ଠ ନାଗରିକମାନଙ୍କର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଛନ୍ତି। ତୀର୍ଥଯାତ୍ରୀମାନଙ୍କ ପାଇଁ ମାଗଣା ଟ୍ରେନ ଯାତ୍ରା ସହିତ ସେଠାରେ ରହିବା, ଖାଇବା ଏବଂ ସ୍ଥାନୀୟ ଅଞ୍ଚଳ ଭ୍ରମଣ ପାଇଁ ସ୍ୱତନ୍ତ୍ର ବସର ବ୍ୟବସ୍ଥା କରାଯାଇଛି। ଯାତ୍ରୀମାନଙ୍କ ସୁରକ୍ଷା ଓ ସୁବିଧା ପାଇଁ ଟ୍ରେନରେ ସରକାରୀ ଗାଇଡ୍, ସେବାଦାର ଏବଂ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ଏହି ସ୍ୱତନ୍ତ୍ର ଟ୍ରେନରେ ଏକ ସ୍ୱତନ୍ତ୍ର ମେଡିକାଲ ଟିମ୍ ମଧ୍ୟ ଯାତ୍ରା କରୁଛନ୍ତି। ଯାତ୍ରା ସମୟରେ କାହାର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଲେ ତୁରନ୍ତ ଚିକିତ୍ସା ଯୋଗାଇ ଦେବା ପାଇଁ ଟ୍ରେନରେ ଜରୁରୀକାଳୀନ ଔଷଧ ଏବଂ ପ୍ରାଥମିକ ଚିକିତ୍ସା ସରଞ୍ଜାମ ମହଜୁଦ ରଖାଯାଇଛି। ସରକାରଙ୍କ ଏହି ପ୍ରୟାସକୁ ବରିଷ୍ଠ ନାଗରିକ ଏବଂ ସେମାନଙ୍କ ପରିବାର ବର୍ଗ ଭୂୟସୀ ପ୍ରଶଂସା କରିଛନ୍ତି।

ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ବନ୍ୟା ସ୍ଥିତି

ସମୀକ୍ଷା ଭିତରେ ତେଜିଲା ରାଜନୀତି



ଭୁବନେଶ୍ୱର,୩୧/୧୦(ଜେଏନ୍ଏସ୍): ରାଜ୍ୟରେ ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତିକୁ ନେଇ ଏବେ ରାଜନୈତିକ ବାତାବରଣ ସରଗରମ ହୋଇଛି। ପ୍ରଭାବିତ ଜିଲ୍ଲାଗୁଡ଼ିକରେ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ଜାରି ରହିଥିବା ବେଳେ ଏହାକୁ ନେଇ ଶାସକ ଓ ବିରୋଧୀ ଦଳ ମଧ୍ୟରେ ଆରୋପ-ପ୍ରତ୍ୟାରୋପ ଆରମ୍ଭ ହୋଇଯାଇଛି। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବନ୍ୟା ପ୍ରଭାବିତ ଗଞ୍ଜାମ ଓ ଗଜପତି ଜିଲ୍ଲାର ସ୍ଥିତି ଆକାଶମାର୍ଗରୁ ଅନୁଧ୍ୟାନ କରିଥିବା ବେଳେ ବିରୋଧୀ ଦଳଗୁଡ଼ିକ ସରକାରଙ୍କ ପରିଚାଳନା ଗତ ତ୍ରୁଟିକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

- ଆକାଶମାର୍ଗରୁ ସ୍ଥିତି ପରଖିଲେ ମୁଖ୍ୟମନ୍ତ୍ରୀ
- ସରକାରଙ୍କୁ ଘେରିଲେ ବିଜେଡି ଓ କଂଗ୍ରେସ

ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ସବୁଠାରୁ ଅଧିକ ପ୍ରଭାବିତ ହୋଇଥିବା ଦକ୍ଷିଣ ଓଡ଼ିଶାର ସ୍ଥିତି ସମୀକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ଆଜି ଉଚ୍ଚସ୍ତରୀୟ ଟିମ୍ ସହ ଆକାଶମାର୍ଗରୁ ପରିଦର୍ଶନ କରିଛନ୍ତି। ବିଶେଷ କରି ଭୂସ୍ଖଳନ ହୋଇଥିବା ତପ୍ତପାଣି ଘାଟି ଏବଂ ଜଳମଗ୍ନ ଅଞ୍ଚଳଗୁଡ଼ିକର ସ୍ଥିତି ସେ ଅନୁଧ୍ୟାନ କରିଛନ୍ତି। ସରକାରଙ୍କ ପକ୍ଷରୁ ଦାବି କରାଯାଇଛି ଯେ, ପ୍ରଶାସନର ତତ୍ପରତା ଯୋଗୁଁ ୫୯,୦୦୦ରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରାଯାଇଛି ଏବଂ ସମସ୍ତଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ଅନ୍ୟପଟେ ବିରୋଧୀ ଦଳ ବିଜେଡି ଏବଂ କଂଗ୍ରେସ ସରକାରଙ୍କ ଆଗୁଆ ପ୍ରସ୍ତୁତି ଉପରେ ପ୍ରଶ୍ନ ଟେକିଛନ୍ତି। ବିଜେଡି ଅଭିଯୋଗ କରିଛି ଯେ, ବାତ୍ୟାର ଗତିପଥ ଏବଂ ବର୍ଷାର ପୂର୍ବାନୁମାନ ଥାଇ ମଧ୍ୟ ସରକାର ତୃଣମୂଳ ସ୍ତରରେ ସଠିକ୍ ପଦକ୍ଷେପ ନେବାରେ ବିଫଳ ହୋଇଛନ୍ତି, ଯାହାଫଳରେ ଗଞ୍ଜାମରେ ବ୍ୟାପକ ଧନଜୀବନ ହାନିର ଆଶଙ୍କା ଦେଖାଦେଇଛି। ସେହିପରି କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, ଅନେକ ଆଶ୍ରୟସ୍ଥଳୀରେ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି ଏବଂ ସାଧାରଣ ଲୋକଙ୍କ ନିକଟରେ ରିଲିଫ୍ ସାମଗ୍ରୀ ଠିକ୍ ଭାବେ ପହଞ୍ଚିପାରୁ ନାହିଁ। ବିରୋଧୀଙ୍କ ସମାଲୋଚନାର ଜବାବ ଦେଇ ଶାସକ ଦଳ ପକ୍ଷରୁ କୁହାଯାଇଛି ଯେ, ଏହା ରାଜନୀତି କରିବାର ସମୟ ନୁହେଁ। ପ୍ରଶାସନ, ଏନ୍ଡିଆର୍ଏଫ୍ ଓ ଓଡ୍ରାଫ୍ ଟିମ୍ ଦିନରାତି ଏକ କରି ଲୋକଙ୍କ ସେବାରେ ନିୟୋଜିତ ଅଛନ୍ତି। ମୁଖ୍ୟମନ୍ତ୍ରୀ ନିଜେ ସ୍ଥିତି ଉପରେ ନଜର ରଖିଛନ୍ତି ଏବଂ ବିପର୍ଯ୍ୟୟ ସମୟରେ ସରକାର ସମ୍ପୂର୍ଣ୍ଣ ଭାବେ ଲୋକଙ୍କ ସାଙ୍ଗରେ ଅଛନ୍ତି।

୩,୮୫୫ କୋଟି ଟଙ୍କାର ୨୨ଟି ପୁଞ୍ଜିନିବେଶ ପ୍ରକଳ୍ପକୁ ମଞ୍ଜୁରୀ



ରାଜ୍ୟରେ ସୃଷ୍ଟି ହେବ ୧୩,୦୦୦ରୁ ଅଧିକ ନିଯୁକ୍ତି ସୁଯୋଗ

ଭୁବନେଶ୍ୱର, ୩୧/୧୦ (ଜେଏନ୍ଏସ୍): ରାଜ୍ୟରେ ଶିଳ୍ପର ବିକାଶ ଏବଂ ଯୁବପିଢ଼ିଙ୍କ ପାଇଁ କର୍ମସଂସ୍ଥାନ ସୃଷ୍ଟି ଦିଗରେ ଓଡ଼ିଶା ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଶିଳ୍ପ ପ୍ରୋତ୍ସାହନକୁ ଆହୁରି ଗତିଶୀଳ କରିବା ପାଇଁ ରାଜ୍ୟ ସରକାର ୩,୮୫୫ କୋଟି ଟଙ୍କାର ୨୨ଟି ଗୁରୁତ୍ୱପୂର୍ଣ୍ଣ ପୁଞ୍ଜିନିବେଶ ପ୍ରକଳ୍ପକୁ ଅନୁମୋଦନ ଦେଇଛନ୍ତି। ମୁଖ୍ୟମନ୍

ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସର
(JANABARTTA SWABHIMANI ODIANKA SWARA)

ଗୁରୁଙ୍କୁ ନାରାୟଣ ଭାବେ ଗ୍ରହଣ କରିବାକୁ ହେବ : ସ୍ୱାମୀ ବ୍ରହ୍ମାନନ୍ଦ



ଡଃ ଜ୍ଞାନେନ୍ଦ୍ରଙ୍କୁ ଜାନକୀ ବଲ୍ଲଭ ସ୍ମୃତି ସମ୍ମାନ ପ୍ରଦାନ

ଭୁବନେଶ୍ୱର, ୩୧/୧୦ (ଜେଏନ୍ଏସ୍) : ଭୁବନେଶ୍ୱରସ୍ଥିତ ଏକାମ୍ର ସତ୍ୟସେବାଶ୍ରମ ବୈକୁଣ୍ଠ ସରଣୀ ପକ୍ଷରୁ ସୋମବାର ପୂର୍ବାହ୍ନରେ ଡଃ ପୂର୍ଣ୍ଣଚନ୍ଦ୍ର ମହାନ୍ତିଙ୍କ ଦ୍ୱାରା ରଚିତ 'ଅନୁଭୂତିରେ ବାବା ବୈକୁଣ୍ଠନାଥ' ପୁସ୍ତକର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବା ସହିତ 'ଗୁରୁଶିଷ୍ୟ ପରମ୍ପରା' ଶୀର୍ଷକ ଆଲୋଚନା ଚକ୍ର ବାବା ସତ୍ୟାନନ୍ଦ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ କରି ମୁଖ୍ୟ ଅତିଥି ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଉଦ୍‌ଘାଟନ ପୂର୍ବକ କହିଲେ ଯେ, ଲେଖକଙ୍କ ଦ୍ୱାରା ରଚିତ ହୋଇଥିବା ଏହି ପୁସ୍ତକରେ ଗୁରୁଶିଷ୍ୟ ପରମ୍ପରାର ଏକ ଉଦାହରଣ । ସନାତନ ଧର୍ମରେ ବେଦକୁ ସର୍ବଶ୍ରେଷ୍ଠ ଗ୍ରନ୍ଥ ହିସାବରେ ଗ୍ରହଣ କରାଯାଇଛି । ଏହି ଗ୍ରନ୍ଥରୁ ଗୁରୁ ପରମ୍ପରା ସୃଷ୍ଟି ହୋଇଛି । ବେଦ ପୁରାଣ, ଗୁରୁଶିଷ୍ୟ ପରମ୍ପରାରୁ ଆମେମାନେ ଆଜିକାଲି ଦୂରେଇ ଯାଉଛେ । ଯାହାଦ୍ୱାରା ହିଂସା, ଦ୍ୱେଷ ଓ ଅଶାନ୍ତି ସମସ୍ତଙ୍କୁ ଗ୍ରାସ କରୁଛି । ଶେଷରେ ଗୁରୁ ପରମ୍ପରାକୁ ମନେ ପକାଇ ଆମେ ଗୁରୁଙ୍କ ଅମୃତବାଣୀକୁ ପାଳନ କରିବା ଉଚିତ୍ ବୋଲି କହିବା ସହ ଗୁରୁଙ୍କୁ ନାରାୟଣ ଭାବେ ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଥିଲେ ।

ବିଶିଷ୍ଟ ଅତିଥି ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡଃ ସତ୍ୟନାରାୟଣ ଆର୍ଯ୍ୟ ଯୋଗଦେଇ କହିଲେ ଯେ, ଭାରତବର୍ଷରେ ଗୁରୁ ପରମ୍ପରା ବିଷୟରେ ଆମକୁ ଅନେକ କିଛି ଶିକ୍ଷା ଦିଆଯାଏ । ଗୁରୁ ଅନ୍ଧକାରକୁ ଦୂର କରି ଆମକୁ ଆଲୋକ ପ୍ରଦାନ କରିଥାନ୍ତି । ବିଶିଷ୍ଟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ ଯୋଗଦେଇ କହିଲେ ଯେ, ସେ କିପରି ବାବା ବୈକୁଣ୍ଠ ଚରଣରେ ଆସିଥିଲେ ଏବଂ ତାଙ୍କ ଦ୍ୱାରା ଆଶ୍ରିତ ହୋଇଥିଲେ ଓ ତାଙ୍କର ଅମୃତବାଣୀ ବିଷୟରେ ସମସ୍ତଙ୍କୁ ସୂଚନା ଦେଇଥିଲେ । ସମ୍ମାନିତ ଅତିଥି ଭାବେ ହାପି ମୁଭମେଣ୍ଟ ଇଣ୍ଡିଆର ଅଧ୍ୟକ୍ଷ ଡଃ ରାଜେନ୍ଦ୍ର କୁମାର ପଣ୍ଡା କହିଲେ ଯେ, ସମାଜରେ ଗୁରୁଶିଷ୍ୟ ପରମ୍ପରା ବିଷୟରେ ଅନେକ ଆଲୋଚନା ହୋଇଛି । କିନ୍ତୁ ଆମେ ଏହାକୁ ପାଳନ କରୁନାହୁଁ । ତେଣୁ ଆମକୁ ପ୍ରଥମେ ଗୁରୁ ଓ ପରେ ଭଗବାନଙ୍କ ଆଶୀର୍ବାଦ ଲାଭ କରିବା ଉଚିତ୍ । ଲେଖକ ଡଃ ପୂର୍ଣ୍ଣଚନ୍ଦ୍ର ମହାନ୍ତି ତାଙ୍କ ଅନୁଭୂତିରେ ଏହି ପୁସ୍ତକରେ ବାବା ବୈକୁଣ୍ଠନାଥଙ୍କ ବିଷୟରେ ଯାହା ବର୍ଣ୍ଣନା କରିଛନ୍ତି, ତାହା ବାବାଙ୍କ ନିର୍ଦ୍ଦେଶରେ ହିଁ ଲେଖାଯାଇଛି ବୋଲି ଧରିବାକୁ ହେବ ।

ଏହି ଅବସରରେ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରଥମ ଜାନକୀ ବଲ୍ଲଭ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ପ୍ରାରମ୍ଭରେ ସୁରେନ୍ଦ୍ର ନାଥ ସାମାଲ ଅତିଥିମାନଙ୍କ ପରିଚୟ କରିବା ସହିତ ସ୍ୱାଗତ ଭାଷଣ ଏବଂ ମଞ୍ଚ ପରିଚାଳନା କରିଥିଲେ । ଶେଷରେ ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଆଶ୍ରମର ଅଧ୍ୟକ୍ଷ ବାବାଜୀ ଶ୍ରଦ୍ଧାନନ୍ଦ ଦାସ, ମନୋରଞ୍ଜନ ମହାନ୍ତି, ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ ଓ ଅରୁଣ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

କୁମାର ପୂର୍ଣ୍ଣିମାରେ କୁମାରୀମାନଙ୍କ କଣ୍ଢେଇ ବାହାଘର

ନିମାପଡ଼ା, ୩୧/୧୦ (ଜେଏନ୍ଏସ୍) : କୁମାର ପୂର୍ଣ୍ଣିମା ପାଳନ ଅବସରରେ ନିମାପଡ଼ା ବଡ଼ ବଜାରର କୁମାରୀ ଝିଅମାନେ ମା' ଗଜଲକ୍ଷ୍ମୀଙ୍କୁ ପାରମ୍ପାରିକ ରିତା ନିତାରେ ପୂଜାକରିବାସହ ଯୌତୁକ ବିରୋଧୀ ସଚେତନତା ବାର୍ତ୍ତା ପ୍ରଚାର କରିବାପାଇଁ କୁମାରୀ ଝିଅମାନଙ୍କୁ କଣ୍ଢେଇ ସଜାଇ ବାହାଘର କିରିଥିଲେ । ବାହାଘରରେ ଥିବା ପରମ୍ପରା ଅନୁସାରେ ଗୋପୀନାଥ ମନ୍ଦିରରେ ବାହାଘରକାର୍ଯ୍ୟ ସମାପନ କରାଯାଇଥିଲା । ବରଯାତ୍ରୀ ଦଳ ଧୂମଧାମରେ ବାଜା ବଚାଇ କନ୍ଦିୟାଘରକୁ ବରଯାତ୍ରୀ ନେଇ ଯାଇଥିଲେ ।,ବାଡୁଅପାଣି ଗାଧୁଆ ଇତ୍ୟା ଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବରଭାବରେ ପ୍ରିୟାଶୁ, ବଧୂ ବେଶରେ ସାଇସଞ୍ଚିତା ମଧ୍ୟରେ ବିବାହ କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା । ବର ପକ୍ଷରୁ ବିରାଟ ରୋଷଣୀରେ ବାଜା ବଜାଇ ବାଣ ଫୁଟାଇ ଏକ ସୁସଜ୍ଜିତ ବେଦୀରେ ବିବାହ ପୁରୋହିତଙ୍କ ମନ୍ତ୍ରପାଠ ମଧ୍ୟରେ ବିବାହ କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା । କୁମାରୀମାନେ ବିବାହ ଉତ୍ସବ ପାଇଁ କୁମାରୀ ବରକନ୍ୟାଙ୍କୁ ଆର୍ଶିବାଦ ଦେବାପାଇଁ ବିଭିନ୍ନ ବର୍ଗର ବ୍ୟକ୍ତିମାନଙ୍କୁ ଭୋଜି ଖାଇବା ପାଇଁ ନିମନ୍ତ୍ରଣ କରିଥିଲେ ।



ଗଞ୍ଜାମ କଳା ପରିଷଦଠାରେ ସାମ୍ବାଦିକ ପ୍ରଭାସିନୀ ନନ୍ଦଙ୍କୁ ୱାଲର୍ଡ ଚାରିଟି ୱେଲ୍‌ଫେୟାର୍ ଫାଉଣ୍ଡେସନ୍ ପକ୍ଷରୁ ଡକ୍ଟରେଟ୍ ସମ୍ମାନ

ଟିମଣପୁର ଗ୍ରାମରେ ମାସ ମାସ ଧରି ମିଳୁନି ଭତ୍ତା

ନବରଙ୍ଗପୁର, ୩୧/୧୦ (ଜେଏନ୍ଏସ୍) : ମାସ ମାସ ଧରି ମିଳୁନି ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷମ ଭତ୍ତା । ଫଳରେ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମ ହିତାଧିକାରୀ । ଏଭଳି ଅଭିଯୋଗ ଆସିଛି ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ପୂଜାରୀଗୁଡ଼ା ପଞ୍ଚାୟତର ଟିମଣପୁର ଗ୍ରାମରୁ । ଗ୍ରାମର କେତେକ ବୃଦ୍ଧବୃଦ୍ଧା, ଭିନ୍ନକ୍ଷମ ଏବଂ ଅନ୍ୟ ମାସିକ ଭତ୍ତାଧାରୀ ବିଗତ ୩ରୁ ୫



ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଫେରାଦ ହେଲେ ହିତାଧିକାରୀ

ମାସ ହେଲା ଭତ୍ତା ପାଇନଥିବା ଅଭିଯୋଗ କରିଛନ୍ତି । ଭତ୍ତା ହିଁ ଅନେକଙ୍କ ଜୀବନଧାରଣର ମୁଖ୍ୟ ଆଧାର ହୋଇଥିବାରୁ ଏହା ବନ୍ଦ ରହିବା ଫଳରେ ଦୈନନ୍ଦିନ ଖର୍ଚ୍ଚ, ଔଷଧ ଓ ଅନ୍ୟାନ୍ୟ ଆବଶ୍ୟକତା ପୂରଣରେ ସେମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବିଶେଷକରି ବ୍ୟାଙ୍କ ଖାତା ମାଧ୍ୟମରେ ଭତ୍ତା ପାଉଥିବା ହିତାଧିକାରୀମାନେ ଅଧିକ ହଇରାଣ ହେଉଥିବା ଜଣାପଡ଼ିଛି । ଭତ୍ତା ଆସିଛି କି ନାହିଁ ଜାଣିବା ଏବଂ ଟଙ୍କା ଉଠାଇବା ପାଇଁ ବ୍ୟାଙ୍କକୁ ବାରମ୍ବାର ଯିବାକୁ ପଡୁଥିବାରୁ ବୟସ୍କ ଓ ଭିନ୍ନକ୍ଷମ ବ୍ୟକ୍ତିମାନେ ଅଧିକ କଷ୍ଟ ଭୋଗୁଛନ୍ତି । ଏହି ସମସ୍ୟାର ସମାଧାନ ଦାବିରେ ହିତାଧିକାରୀମାନେ ତେନ୍ତୁଳିଖୁଣ୍ଟି ବ୍ଲକଠାରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି । ଦୀର୍ଘ ଦିନ ଧରି ଭତ୍ତା ନମିଳିବାର କାରଣ ଯାଞ୍ଚ କରି ତୁରନ୍ତ ବକେୟା ଭତ୍ତା ପ୍ରଦାନ କରିବା ସହ ଆଗାମୀ ଦିନରେ ନିୟମିତ ଭତ୍ତା ଯୋଗାଇଦେବାକୁ ସେମାନେ ଦାବି କରିଛନ୍ତି । ତେବେ ହିତାଧିକାରୀ ଜିଲ୍ଲାପାଳ ଶ୍ରୀମତି ମଧୁମିତା ଏହାକୁ ରାଜ୍ୟ ସ୍ତରୀୟ ସମସ୍ୟା କହି ଏଡାଇ ଦେଇଥିବା କହିଛନ୍ତି । ଏବେ ଦେଖିବାକୁ ବାକି ରହିଲା, ଅସହାୟ ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମ ହିତାଧିକାରୀଙ୍କ ଏହି ଅଭିଯୋଗ ଉପରେ ପ୍ରଶାସନ କେବେ ପଦକ୍ଷେପ ନେଉଛି ଏବଂ ସେମାନଙ୍କୁ କେବେ ବକେୟା ଭତ୍ତା ମିଳୁଛି ।

ମେହେକଙ୍କୁ ପୁରୀ ଜିଲାପାଳଙ୍କ ସମ୍ବର୍ଦ୍ଧନା



ପୁରୀ, ୩୧/୧୦ (ଜେଏନ୍ଏସ୍) : ପୁରୀ ଜିଲ୍ଲାର ନିମାପଡ଼ା ବ୍ଲକ ଅନ୍ତର୍ଗତ ବଳଙ୍ଗାର ସୁନା ଝିଅ ମେହେକ ନସରିନ, ଚଳିତ ବର୍ଷ ଅକ୍ଟୋବର ୧୬ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ, ରାଜସ୍ଥାନର ଜୟପୁରଠାରେ ଅନୁଷ୍ଠିତ ହୋଇଥିବା ସର୍ବ ଭାରତୀୟ ଷଷ୍ଠ ଓପେନ ଅଥଲେଟିକ ୨୩ ବର୍ଷରୁ କମ ବର୍ଗର ଚାମ୍ପିୟନସିପ ମହିଳା ହାଇଜମ୍ପ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । କୁମାରୀ ନସରିନଙ୍କ ଏହି ସଫଳତା ପାଇଁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, କ୍ରୀଡା ସଂସଦର ପ୍ରାକ୍ତନ ଉପସଭାପତି ରାମଚନ୍ଦ୍ର ଦାସମହାପାତ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଓ ମେହେକଙ୍କ ପରିବାର ସଦସ୍ୟମାନେ ଏହି ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଥିଲେ । ମେହେକ ପୁରୀ ଜିଲା ତଥା ଓଡ଼ିଶାକୁ ଗୌରାବାନ୍ୱିତ କରିଥିବାରୁ ପୁରୀ ଜିଲ୍ଲା କ୍ରୀଡ଼ା ସଂସଦ ଓ ଓଡିଶା ରାଜ୍ୟ ଦୌଡ଼କୁଦ ସଂଘ ତଥା କ୍ରୀଡ଼ା ସଂଗଠକ ମାନେ ତାଙ୍କ କୃତିତ୍ୱ ପାଇଁ ଅଭିନନ୍ଦନ ଜଣାଇବା ସହ ଏକ ଟ୍ରଫି ପ୍ରଦାନ କରିଥିଲେ ।

ହୋଲ୍‌ଡିଂ ଟିକସ ଫାଙ୍କି ଓ ଅଖାଦ୍ୟ ବିକ୍ରି

ନିମାପଡ଼ା, ୩୧/୧୦ (ଜେଏନ୍ଏସ୍) : ନିମାପଡ଼ା ଏନ୍.ଏ.ସି. ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ବୁଧବାର ମଧ୍ୟାହ୍ନରେ ସହରର ବିଭିନ୍ନ ହୋଟେଲ, ଫାଷ୍ଟଫୁଡ୍ ଦୋକାନ, ବେଆଇନ ବ୍ୟବସାୟିକ ପ୍ରତିଷ୍ଠାନ ଓ ହୋଲଡ଼ିଂ ଟିକସ ବାକି ରଖିଥିବା ଗୃହମାଲିକଙ୍କ ଉପରେ ବ୍ୟାପକ ଚଢ଼ଉ କରାଯାଇଛି । ଏହି କାର୍ଯ୍ୟାନୁଷ୍ଠାନ ସମୟରେ ବକେୟା ଟିକସ ଓ ଜରିମାନା ବାବଦକୁ ସୋଟ୍‌ରେ ପ୍ରାୟ ଏକ ଲକ୍ଷ ଟଙ୍କାର ରାଜସ୍ୱ ଆଦାୟ କରାଯାଇଥିବା ଏନ୍‌ଫୋର୍ସମେଣ୍ଟ ଅଧିକାରୀ ରାକେଶ କୁମାର ରାଉତ (ବାପି) ସୂଚନା ଦେଇଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ଗଣେଶ ବଜାର ମୁଖ୍ୟ ରାସ୍ତା କଡ଼ରେ ପାରାଦୀପ ଅଞ୍ଚଳର ଜଣେ ବ୍ୟକ୍ତି ନିଜର ୧୨ ଡିସିମିଲ ଜମିରେ ଦୁଇମହଲା କୋଠା ନିର୍ମାଣ କରି ଗୋଟିଏ ଘରୋଇ ଙ୍କାରାଜୀ ମାଧ୍ୟମ ସ୍କୁଲ ଓ ଏକ ଇଲେକ୍ଟ୍ରୋନିକ୍ସ କମ୍ପାନୀର ସର୍ଭିସ୍ ସେଣ୍ଟରକୁ ମାସିକ ଲକ୍ଷାଧିକ ଟଙ୍କାରେ ଭଡ଼ା ଦେଇଥିଲେ । ମାତ୍ର ଏନ୍.ଏ.ସି.ର ବାର୍ଷିକ ହୋଲଡ଼ିଂ ଟିକସ ବାବଦକୁ ୧୯,୮୨୨ ଟଙ୍କା ବାରମ୍ବାର ନୋଟିସ୍ ସତ୍ତ୍ୱେ ପଇଠ କରୁନଥିଲେ । ଆଜି ଏନ୍.ଏ.ସି. କର୍ତ୍ତୃପକ୍ଷ ପୁଲିସ ବଳ ସହାୟତାରେ ଉକ୍ତ

ନିମାପଡ଼ା ଏନ୍‌ଏସି ପକ୍ଷରୁ ଚଢ଼ଉ, ଲକ୍ଷେ ଟଙ୍କା ଜରିମାନା ଆଦାୟ

ବିଲ୍ଡିଂରେ ଚଢ଼ଉ କରି ସ୍କୁଲ ଛାତ୍ରଛାତ୍ରୀ ଓ ସର୍ଭିସ୍ ସେଣ୍ଟର କର୍ମଚାରୀଙ୍କୁ ବାହାରକୁ ଆଣି ଗୃହଟିକୁ ସିଲ୍ କରି ତାଲା ପକାଇ ଦେଇଥିଲେ । ପରବର୍ତ୍ତୀ ସମୟରେ ସନ୍ଧ୍ୟାରେ ଗୃହମାଲିକ ସମସ୍ତ ବକେୟା ଟିକସ ପଇଠ କରିଥିବା ଜଣାପଡ଼ିଛି । ସେହିପରି ଦୋଳବେଦୀ ଛକଠାରୁ ପେଟାଘାଇ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା କଡ଼ରେ ଥିବା ବିଭିନ୍ନ ହୋଟେଲ୍, ରେଷ୍ଟୁରାଣ୍ଟ ଓ ଫାଷ୍ଟଫୁଡ୍ ଦୋକାନଗୁଡ଼ିକରେ ଚଢ଼ଉ କରାଯାଇଥିଲା । ବାସି, ନିମ୍ନମାନର ଖାଦ୍ୟ ବିକ୍ରି ସହ ନିଷିଦ୍ଧ ପଲିଥିନ୍ ଓ ଥର୍ମୋକୋଲ୍ ପ୍ୟାକିଂ ବ୍ୟବହାର କରୁଥିବା ଅଭିଯୋଗରେ ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଇଛି । ଅନ୍ୟପଟେ, ମହିଳା କଲେଜ ଛକ ନିକଟସ୍ଥ ଏକ ଘରୋଇ ଅର୍ଥଲଗାଣ ସଂସ୍ଥା ବିନା ଟ୍ରେଡ୍ ଲାଇସେନ୍ସ ନବୀକରଣରେ ବ୍ୟବସାୟ ଚଳାଉଥିବାରୁ ତାହା ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

ଏନ୍.ଏ.ସି.ର ଏହି ହଠାତ୍ କଠୋର କାର୍ଯ୍ୟାନୁଷ୍ଠାନ ଫଳରେ ଅସାଧୁ ବ୍ୟବସାୟୀ ଓ ଟିକସ ଫାଙ୍କୁଥିବା ଗୃହମାଲିକଙ୍କ ମଧ୍ୟରେ କମ୍ପନ ସୃଷ୍ଟି ହୋଇଛି । ଆଗାମୀ ଦିନରେ ମଧ୍ୟ ଏହିପରି ଚଢ଼ଉ ଜାରି ରହିବ ବୋଲି ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଶ୍ରୀ ରାଉତ ସ୍ପଷ୍ଟ କରିଛନ୍ତି ।

ରାଶିଫଳ

ମେଷ : ସପ୍ତାହର ଆରମ୍ଭରେ ମନରେ ଉତ୍ସାହ ଏବଂ କାର୍ଯ୍ୟରେ ସଫଳତା ମିଳିବ । ଚାକିରି ଓ ବ୍ୟବସାୟରେ ନୂତନ ସୁଯୋଗ ସୃଷ୍ଟି ସମ୍ଭାବନା ଅଛି । ପୁରୁଣା ନିବେଶରୁ ଲାଭ ମିଳିବ ।

ବୃଷ : ସ୍ୱାସ୍ଥ୍ୟ ପ୍ରତି ସାମାନ୍ୟ ସଚେତନ ରହିବା ଆବଶ୍ୟକ, ଖାଦ୍ୟପେୟରେ ଯତ୍ନ ନିଅନ୍ତୁ । କର୍ମକ୍ଷେତ୍ରରେ କାର୍ଯ୍ୟଭାର ବୃଦ୍ଧି ପାଇଲେ ମଧ୍ୟ ଧୈର୍ଯ୍ୟର ସହ କାମ କରନ୍ତୁ । ଆୟ ସ୍ୱାଭାବିକ ରହିବ, ମାତ୍ର ଅନାବଶ୍ୟକ ଖର୍ଚ୍ଚକୁ ନିୟନ୍ତ୍ରଣ କରନ୍ତୁ ।

ମିଥୁନ : ଶାରୀରିକ ସ୍ୱାସ୍ଥ୍ୟ ଉତ୍ତମ ରହିବା ସହ ମନରେ ନୂଆ ଉତ୍ସାହ ସୃଷ୍ଟି ହେବ । ବ୍ୟବସାୟୀଙ୍କ ପାଇଁ ଏହି ସପ୍ତାହଟି ବିଶେଷ ଲାଭଦାୟକ ଓ ଶୁଭପ୍ରଦ ହେବ । ଆର୍ଥିକ କାରବାରରେ ସଫଳତା ମିଳିବ ।

କର୍କଟ : ମାନସିକ ଅଶାନ୍ତି ଦୂର ହେବ ଏବଂ ଆଧ୍ୟାତ୍ମିକ ଚିନ୍ତାଧାରା ବୃଦ୍ଧି ପାଇବ । ଚାକିରିରେ ପଦୋନ୍ନତି କିମ୍ବା ନୂତନ ଦାୟିତ୍ୱ ମିଳିବାର ଯୋଗ ରହିଛି । ଅସନ୍ତାନମାନଙ୍କ ପକ୍ଷରୁ କୌଣସି ଶୁଭ ଖବର ପ୍ରାପ୍ତ ହେବ ।

ସିଂହ : କାର୍ଯ୍ୟବ୍ୟସ୍ତତା ଯୋଗୁଁ ଶାରୀରିକ କ୍ଲାନ୍ତି ଅନୁଭବ ହୋଇପାରେ, ବିଶ୍ରାମ ନିଅନ୍ତୁ । କର୍ମକ୍ଷେତ୍ରରେ କ୍ରୋଧ ନିୟନ୍ତ୍ରଣ କରନ୍ତୁ, ବରିଷ୍ଠଙ୍କ ସହ ମତଭେଦରୁ ଦୂରେଇ ରୁହନ୍ତୁ ।

କନ୍ୟା : ସ୍ୱାସ୍ଥ୍ୟ ଭଲ ରହିବ ଏବଂ ମନରୁ ସମସ୍ତ ନକାରାତ୍ମକ ଚିନ୍ତା ଦୂର ହେବ । ପରିଶ୍ରମର ପୂର୍ଣ୍ଣ ଫଳ ମିଳିବ ଏବଂ ବିଦ୍ୟାଥୀମାନେ ସଫଳତା ପାଇବେ । ଆର୍ଥିକ ସ୍ଥିତି ସୁଧୁରିବା ସହ ଅର୍ଥଲାଭର ସମ୍ଭାବନା ରହିଛି ।

ତୁଳା : ମନ ପ୍ରସନ୍ନ ରହିବ ଏବଂ ପୁରୁଣା ରୋଗରୁ ମଧ୍ୟ ଆଶ୍ୱସ୍ତି ମିଳିବ । ବ୍ୟବସାୟରେ ପ୍ରଗତି ହେବ ଏବଂ ଦୂରଯାତ୍ରାରୁ ଲାଭବାନ୍ ହେବେ । ଆର୍ଥିକ କାରବାର ଏବଂ ଟଙ୍କା ପଇସା ମାମଲାରେ ସାବଧାନ ରୁହନ୍ତୁ ।

ବିଛା : ମାନସିକ ଚିନ୍ତା ବୃଦ୍ଧି ପାଇପାରେ, ତେଣୁ ନିୟମିତ ଯୋଗ ଓ ଧ୍ୟାନ କରନ୍ତୁ । ଗୁପ୍ତ ଶତ୍ରୁଙ୍କଠାରୁ ସତର୍କ ରହି ନିଜ କାମ କରନ୍ତୁ । ଅନାବଶ୍ୟକ ଖର୍ଚ୍ଚ ବଢ଼ିପାରେ, ତେଣୁ ବଜେଟ୍ ପ୍ରତି ଧ୍ୟାନ ଦିଅନ୍ତୁ ।

ଧନୁ : ସ୍ୱାସ୍ଥ୍ୟ ସାଧାରଣତଃ ଭଲ ରହିବ ଏବଂ ମନ ଶାନ୍ତ ରହିବ । ନୂତନ ପ୍ରକଳ୍ପ ବା କାର୍ଯ୍ୟ ଆରମ୍ଭ କରିବା ପାଇଁ ଏହା ଶୁଭ ସମୟ । ଭାଗ୍ୟର ପୂର୍ଣ୍ଣ ସହଯୋଗ ମିଳିବ ଏବଂ ଧନଲାଭର ଯୋଗ ରହିଛି । ପରିବାର ସହିତ କୌଣସି ମାଙ୍ଗଳିକ କାର୍ଯ୍ୟରେ ଯୋଗ ଦେବେ ।

ମକର : ପୁରୁଣା ସ୍ୱାସ୍ଥ୍ୟଗତ ସମସ୍ୟାରୁ ବେଶ୍ ଆଶ୍ୱସ୍ତି ଅନୁଭବ କରିବେ । ବ୍ୟବସାୟିକ କ୍ଷେତ୍ରରେ ସଫଳତା ମିଳିବ ଏବଂ ଚାକିରିରେ ଅନୁକୂଳ ପରିବେଶ ରହିବ । ସମ୍ପତ୍ତି କ୍ରୟ କିମ୍ବା ବିକ୍ରୟ ପାଇଁ ଯୋଜନା କରିପାରନ୍ତି ।

କୁମ୍ଭ : ସ୍ୱାସ୍ଥ୍ୟ ଭଲ ରହିବ, ମାତ୍ର ଅଧିକ ପରିଶ୍ରମ ଯୋଗୁଁ ଥକାପଣ ଆସିପାରେ । କର୍ମକ୍ଷେତ୍ରରେ ଆପଣଙ୍କ କାର୍ଯ୍ୟର ପ୍ରଶଂସା କରାଯିବ । ଆର୍ଥିକ ସ୍ଥିତି ସ୍ଥିର ଏବଂ ସୁଦୃଢ଼ ଅବସ୍ଥାରେ ରହିବ । ବନ୍ଧୁମାନଙ୍କଠାରୁ ଆବଶ୍ୟକ ସମୟରେ ପୂର୍ଣ୍ଣ ସହଯୋଗ ମିଳିବ ।

ମୀନ : ସ୍ୱାସ୍ଥ୍ୟ ପ୍ରତି ବିଶେଷ ଯତ୍ନବାନ ହୁଅନ୍ତୁ ଏବଂ ଗାଡ଼ି ଚାଳନାରେ ସତର୍କ ରୁହନ୍ତୁ । କାର୍ଯ୍ୟରେ ସାମାନ୍ୟ ବିଳମ୍ବ ହୋଇପାରେ, ତେଣୁ ଧୈର୍ଯ୍ୟ ହରାନ୍ତୁ ନାହିଁ । ପରାମର୍ଶ ନେଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତୁ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

କନ୍ଧମାଳ ଓ ତପ୍ତପାଣିରେ...

ନିକଟସ୍ଥ ଲେଡ଼ବନ୍ଧ ଠାରେ ଜାତୀୟ ରାଜପଥର ଏକ ବଡ଼ ଅଂଶ ସମ୍ପୂର୍ଣ୍ଣ ରୂପେ ବନ୍ୟା ଜଳରେ ଧୋଇଯାଇଛି । ଏହାଦ୍ୱାରା ବ୍ରହ୍ମପୁର ସହ ଦକ୍ଷିଣ ଓଡ଼ିଶାର ଯୋଗାଯୋଗ ସମ୍ପୂର୍ଣ୍ଣ ଭାବେ ବିଚ୍ଛିନ୍ନ ହୋଇଯାଇଛି ଏବଂ ରାସ୍ତାର ଦୁଇ ପାର୍ଶ୍ୱରେ ଶତାଧିକ ବସ୍ ଓ ସାମଗ୍ରୀ ବୋଝେଇ ଟ୍ରକ୍ ଅଟକି ରହିଛନ୍ତି । କନ୍ଧମାଳର ବାଲିଗୁଡ଼ା ଓ କତିଙ୍ଗିଆ ଅଞ୍ଚଳରେ ମଧ୍ୟ ପାହାଡ଼ରୁ କାଦୁଅ ମାଡ଼ିଆସି ରାସ୍ତାଘାଟ ଅବରୋଧ ହୋଇଛି, ଯାହାର ଦୃଶ୍ୟ କେରଳ କିମ୍ବା ନେପାଳର ଭୂସ୍ଖଳନ ଭଳି ଭୟଙ୍କର ପ୍ରତୀତ ହେଉଛି । ପ୍ରଶାସନ ପକ୍ଷରୁ ଜେସିବି ମେସିନ ସାହାଯ୍ୟରେ ଜାତୀୟ ରାଜପଥ ଓ ପ୍ରମୁଖ ଘାଟି ରାସ୍ତାରୁ ପଥର ଏବଂ ମାଟି ହଟା

ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସର
(JANABARTTA SWABHIMANI ODIANKA SWARA)

ଗତ ସପ୍ତାହର ପ୍ରମୁଖ ଖବର

- **ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବ :** ବାତ୍ୟା ପ୍ରଭାବରେ ଗଞ୍ଜାମ ଜିଲ୍ଲାର ଅନେକ ଅଞ୍ଚଳ ଜଳମଗ୍ନ, ଘରୁ ପାଣି ଛାଡ଼ିବା ପରେ କାଦୁଅର ସାମ୍ରାଜ୍ୟ
- **ଫସଲ ନଷ୍ଟ :** ଗଞ୍ଜାମ ଜିଲ୍ଲାରେ ବନ୍ୟା ପାଣି ମାଡ଼ିଯିବା ଯୋଗୁଁ ଶହ ଶହ ଏକର ଧାନ ବିଲ ଜଳମଗ୍ନ, ଚାଷୀ ମୁଣ୍ଡରେ ଚଡ଼କ ।
- **ହେଲିକପ୍ଟର ଯୋଗେ ରିଲିଫ୍ :** ଗଞ୍ଜାମର ବନ୍ୟା ପ୍ରଭାବିତ ଅଞ୍ଚଳରେ ୪ଟି ହେଲିକପ୍ଟର ସାହାଯ୍ୟରେ ଶୁଖିଲା ଖାଦ୍ୟ ପ୍ୟାକେଟ୍ ବଣ୍ଟନ ଜାରି ।
- **ରାଷ୍ଟ୍ରପତିଙ୍କ ଆଲୋଚନା :** ଓଡ଼ିଶାରେ ବାତ୍ୟା ପରବର୍ତ୍ତୀ ସ୍ଥିତି ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଫୋନ ଯୋଗେ ଆଲୋଚନା କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- **ପୁନରୁଦ୍ଧାର ପାଇଁ ଅଫିସର ନିଯୁକ୍ତ :** ଗଞ୍ଜାମରେ ଉଦ୍ଧାର ଏବଂ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ୩୦ ଜଣ ସ୍ୱତନ୍ତ୍ର ଅଫିସରଙ୍କୁ ଦାୟିତ୍ୱ ।
- **କୃଷକଙ୍କୁ ମୋଦିଙ୍କ ଭେଟି :** ଓଡ଼ିଶାର ୩୫.୩୮ ଲକ୍ଷରୁ ଅଧିକ ଚାଷୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ମୋଦି ଜାରି କଲେ ୩,୦୦୦ କୋଟି ଟଙ୍କାର ଚଗ-କଓଝଇଘ କିସ୍ତି ।
- **ଯୁବତୀଙ୍କ ମୃତଦେହ ଉଦ୍ଧାର :** ଯାଜପୁର ବନ୍ଧଗାଁ ଯୁବତୀଙ୍କ ମୃତଦେହ ପଟ୍ଟାମୁଣ୍ଡାଇ ଯୋରରୁ ମିଳିଲା, ହତ୍ୟା ସନ୍ଦେହରେ ମାର୍ଶାଘାଇ ପୋଲିସର ତଦନ୍ତ ଜାରି ।
- **ଭୁବନେଶ୍ୱରରେ ଡକାୟତି :** କାମାକ୍ଷାନଗର ଅନନ୍ତପୁର ସାହିରେ ସଶସ୍ତ୍ର ଡକାୟତି; ପରିବାର ଲୋକଙ୍କୁ ବାନ୍ଧି ସୁନା ଅଳଙ୍କାର ସହ ୧୫,୦୦୦ ଟଙ୍କା ଲୁଟିନେଲେ ଦୁର୍ବୃତ୍ତ ।
- **ଯୁବ ସଂଘ ନିର୍ବାଚନକୁ ନେଇ ରାଜନୀତି :** ଓଡ଼ିଶାରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ବିଜେପି ଏବଂ ବିଜେଡି ମଧ୍ୟରେ ବାକଯୁଦ୍ଧ ତେଜିଲା ।
- **ବାଲଟ୍ ପେପରରେ ନିର୍ବାଚନ :** ଆଗାମୀ ଗ୍ରାମୀଣ ନିର୍ବାଚନ ପାଇଁ ବାଲଟ୍ ପେପର ଏବଂ ସହରାଞ୍ଚଳ ନିର୍ବାଚନ ପାଇଁ ରଠଗ ବ୍ୟବହାର କରିବ ଓଡ଼ିଶା ।
- **ଗରିବଙ୍କୁ ପକ୍କା ଘର :** ଓଡ଼ିଶାରେ ଗରିବ ପରିବାରଙ୍କ ପାଇଁ ଅତିରିକ୍ତ ୨.୯୧ ଲକ୍ଷ ଆବାସ ଗୃହ ଯୋଗାଇଦେବେ ରାଜ୍ୟ ସରକାର
- **ଓଡ଼ିଶୀ ନୃତ୍ୟର ଯାଦୁ :** ସାଂସ୍କୃତିକ ମହୋତ୍ସବରେ ଦର୍ଶକଙ୍କ ମନ ମୋହିଲା ଓଡ଼ିଶୀ ନୃତ୍ୟର ଅପୂର୍ବ ଝଲକ
- **ରାଷ୍ଟ୍ରୀୟ ଏକତା ଦିବସ :** ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ସାରା ଦେଶରେ ପାଳିତ ହେଉଛି 'ଜାତୀୟ ଏକତା ଦିବସ'
- **ସୁନା ଦର ଆକଳନ :** ଆଗାମୀ ୨ ବର୍ଷ ପାଇଁ ସୁନା ମୂଲ୍ୟରେ ବଡ଼ ପରିବର୍ତ୍ତନ ଆସିପାରେ ବୋଲି ବଜାର ବିଶେଷଜ୍ଞଙ୍କ ଆକଳନ ।
- **E୧୦୦ ଇନ୍ଧନ :** ପରିବେଶ ପ୍ରଦୂଷଣ ରୋକିବା ପାଇଁ ୧୦୦ ପ୍ରତିଶତ ଇଥାନଲ୍ ଯୁକ୍ତ 'ର୧୦୦' ଇନ୍ଧନକୁ କେନ୍ଦ୍ର ସରକାରଙ୍କ ସବୁଜ ସଙ୍କେତ ।
- **UAE ସମ୍ମାନ :** ଦୁବାଇ ଏୟାରଲାଇନ୍ସର କ୍ୟାପଟେନ ମାଛାର ଏବଂ ତାଙ୍କ କ୍ରୁ ମେମ୍ବରଙ୍କ ସାହସିକତା ପାଇଁ ୟୁଏଇ (ଟଇର) ସରକାରଙ୍କ ପକ୍ଷରୁ 'ଫାଷ୍ଟ କ୍ଲାସ ଅର୍ଡର ଅଫ୍ ଜାଏଦ-୨' ସମ୍ମାନ ।

ନ୍ୟୁଜିଲାଣ୍ଡ ଆଗରେ ଆତ୍ମସମର୍ପଣ କଲା ଟିମ୍ ଇଣ୍ଡିଆ

୮୭ ରନରେ ହାରିଲା ଭାରତ

ବିଶାଳ ରନ୍‌ର ପିଛା କରି ବିଫଳ ହେଲେ ବ୍ୟାଟର

ନ୍ୟୁଜିଲାଣ୍ଡର ଦମଦାର ପ୍ରଦର୍ଶନ

ନ୍ୟୁଜିଲାଣ୍ଡ-ଭାରତ ଚତୁର୍ଥ ଟି-୨୦

ଓକଲାଣ୍ଡ,୩୧/୧୦ : ନ୍ୟୁଜିଲାଣ୍ଡ ବିପକ୍ଷ ଚତୁର୍ଥ ଟି-୨୦ ମ୍ୟାଚରେ ଭାରତୀୟ ଦଳକୁ ଏକ ଶୋଚନୀୟ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଛି । ଓକଲାଣ୍ଡର ଇଡେନ ପାର୍କ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ହାଇ-ସ୍କୋରିଂ ମ୍ୟାଚରେ ନ୍ୟୁଜିଲାଣ୍ଡ ଭାରତକୁ ୮୭ ରନର ବଡ଼ ବ୍ୟବଧାନରେ ପରାସ୍ତ କରିଛି । ନ୍ୟୁଜିଲାଣ୍ଡ ପକ୍ଷରୁ ରଖାଯାଇଥିବା ୨୫୯ ରନର ଏକ ପାହାଡ଼ ସଦୃଶ ବିଶାଳ ଲକ୍ଷ୍ୟକୁ ପିଛା କରିବାକୁ ଯାଇ ଭାରତୀୟ ବ୍ୟାଟିଂ ଲାଇନଅପ୍ ସମ୍ପୂର୍ଣ୍ଣ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ।

ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ନ୍ୟୁଜିଲାଣ୍ଡ ଦଳ ଆରମ୍ଭରୁ ହିଁ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲା । ଭାରତୀୟ ବୋଲରଙ୍କୁ ନିର୍ଦ୍ଧୁମ ପ୍ରହାର କରି କିୱି ବ୍ୟାଟରମାନେ ନିର୍ଦ୍ଧାରିତ ୨୦ ଓଭରରେ ୨୫୮ ରନର ବିଶାଳ ସ୍କୋର ଛିଡ଼ା କରିଥିଲେ । ଭାରତ ପକ୍ଷରୁ କୌଣସି ବି ବୋଲର ରନ୍ ଗତି ଉପରେ ଅଙ୍କୁଶ ଲଗାଇବାରେ ସଫଳ ହୋଇନଥିଲେ, ଯାହା ଦଳ ପାଇଁ ସବୁଠାରୁ ବଡ଼ ଚିନ୍ତାର କାରଣ ସାଜିଥିଲା ।

୨୫୯ ରନର ପିଛା କରୁଥିବା ଭାରତୀୟ ଦଳର ଆରମ୍ଭ ବହୁତ ଖରାପ ରହିଥିଲା । ଦଳୀୟ ସ୍କୋର ମାତ୍ର କିଛି ରନ୍ ଥିବାବେଳେ ପ୍ରାରମ୍ଭିକ ବ୍ୟାଟରମାନେ ପେଭିଲିୟନ ଫେରିଥିଲେ । ମଧ୍ୟକ୍ରମରେ କିଛି ସମୟ ପାଇଁ ଲଢୁଆ ବ୍ୟାଟିଂ ଦେଖିବାକୁ ମିଳିଥିଲେ ମଧ୍ୟ ନ୍ୟୁଜିଲାଣ୍ଡର ଶୃଙ୍ଖଳିତ ବୋଲିଂ ଏବଂ ଉଚ୍ଚକୋଟୀର ଫିଲ୍ଡିଂ ଆଗରେ ଟିମ୍ ଇଣ୍ଡିଆର କୌଣସି କୌଶଳ କାମ ଦେଇନଥିଲା । ନିୟମିତ ବ୍ୟବଧାନରେ ଉଇକେଟ୍ ହରାଇ ଭାରତୀୟ ଦଳ ମ୍ୟାଚରୁ ସମ୍ପୂର୍ଣ୍ଣ ବାଦ ପଡ଼ିଥିଲା ଏବଂ ଶେଷରେ ୮୭ ରନରେ ମ୍ୟାଚ୍‌ଟିକୁ ହରାଇବାକୁ ପଡ଼ିଥିଲା । ଏହି ପରାଜୟ ସହିତ ଆଗାମୀ ମ୍ୟାଚ୍ ଗୁଡ଼ିକ ଏବେ ଅଧିକ ରୋମାଞ୍ଚକର ପରିସ୍ଥିତିକୁ ଚାଲିଆସିଛି ।



ନ୍ୟୁଜିଲାଣ୍ଡ ସିରିଜ୍‌ରୁ ବାଦ ପଡ଼ିଲେ ପ୍ରସିଦ୍ଧ କୃଷ୍ଣା



ନୂଆଦିଲ୍ଲୀ,୩୧/୧୦ : ନ୍ୟୁଜିଲାଣ୍ଡ ବିପକ୍ଷ ଆଗାମୀ ଦିନିକିଆ ସିରିଜ୍ ପୂର୍ବରୁ ଭାରତୀୟ କ୍ରିକେଟ ଦଳକୁ ଏକ ବଡ଼ ଝଟ୍‌କା ଲାଗିଛି । ଦଳର ପ୍ରମୁଖ ଦ୍ରୁତ ବୋଲର ପ୍ରସିଦ୍ଧ କୃଷ୍ଣା ଆଘାତ ଜନିତ ସମସ୍ୟା ଯୋଗୁଁ ଏହି ଗୁରୁତ୍ୱପୂର୍ଣ୍ଣ ସିରିଜ୍‌ରୁ ବାଦ ପଡ଼ିଛନ୍ତି । ବିସିସିଆଇ ମେଡିକାଲ ଟିମ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ସେ ଏକ ଗୁରୁତର ହାମଷ୍ଟ୍ରିଙ୍ଗ ଆଘାତର ସମ୍ମୁଖୀନ ହୋଇଛନ୍ତି ଏବଂ ତାଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ ହେବା ପାଇଁ କିଛି ସପ୍ତାହ ସମୟ ଲାଗିବ । ସୂଚନାଯୋଗ୍ୟ ଯେ, ଗତ କିଛି ଦିନ ହେବ ପ୍ରସିଦ୍ଧ କୃଷ୍ଣା ଦମଦାର ଫର୍ମରେ ଥିଲେ ଏବଂ ନ୍ୟୁଜିଲାଣ୍ଡର ବ୍ୟାଟିଂ ଲାଇନଅପ୍ ବିପକ୍ଷରେ ସେ ଦଳର ପ୍ରମୁଖ ଅସ୍ତ୍ର ସାଜିଥାନ୍ତେ । ମାତ୍ର ଏହି ଆଘାତ ପରେ ସେ ବର୍ତ୍ତମାନ ଜାତୀୟ କ୍ରିକେଟ ଆକାଡେମୀରେ ପୁନର୍ବାସ ପ୍ରକ୍ରିୟା ଦେଇ ଗତି କରିବେ । ପ୍ରସିଦ୍ଧ କୃଷ୍ଣାଙ୍କ ଅନୁପସ୍ଥିତି ଯୋଗୁଁ ଭାରତୀୟ ବୋଲିଂ ବିଭାଗରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି । ଚୟନକର୍ତ୍ତା କମିଟି ଖୁବ୍ ଶୀଘ୍ର ତାଙ୍କ ସ୍ଥାନରେ ଏକ ଉପଯୁକ୍ତ ବଦଳ ଦ୍ରୁତ ବୋଲରଙ୍କ ନାମ ଘୋଷଣା କରିବେ ବୋଲି ଆଶା କରାଯାଉଛି । ଘରୋଇ କ୍ରିକେଟରେ ଭଲ ପ୍ରଦର୍ଶନ କରିଥିବା କିଛି ଯୁବ ବୋଲରଙ୍କ ଉପରେ ବର୍ତ୍ତମାନ ଚୟନକର୍ତ୍ତାଙ୍କ ନଜର ରହିଛି ।

ରୋନାଲଡୋଙ୍କ ମହା-ରେକର୍ଡ ମାତ୍ର ୧୫ ମିନିଟ୍‌ରେ ହ୍ୟାଟ୍ରିକ୍ ସହ ୧୦୦୦ ଗୋଲ୍‌ର ନିକଟତର



ରିୟାଦ,୩୧/୧୦ : ବିଶ୍ୱ ଫୁଟବଲ୍ ଜଗତର କିମ୍ବଦନ୍ତୀ ଖେଳାଳି କ୍ରିଷ୍ଟିଆନୋ ରୋ ନା ଲଡୋ । ପୁଣିଥରେ ସବୁଜ ପଡ଼ିଆରେ ନିଜର ଜାଦୁ ଦେଖାଇ ଏକ ମହା-ରେକର୍ଡ ସୃଷ୍ଟି କରିଛନ୍ତି । ସାଉଦି ପ୍ରୋ ଲିଗ୍‌ରେ ନିଜ କ୍ଲବ୍ 'ଅଲ୍ ନାସର' ପକ୍ଷରୁ ଖେଳୁଥିବା ଏହି ପର୍ତ୍ତୁଗୀଜ୍ ସୁପରଷ୍ଟାର୍ ମାତ୍ର ୧୫ ମିନିଟ୍ ମଧ୍ୟରେ ଏକ ଦମଦାର ହ୍ୟାଟ୍ରିକ୍ ସ୍କୋର କରି ସମସ୍ତଙ୍କୁ ଚକିତ କରିଦେଇଛନ୍ତି । ଏହି ଅବିଶ୍ୱସନୀୟ ପ୍ରଦର୍ଶନ ସହ ରୋନାଲଡୋ ନିଜ କ୍ୟାରିୟରର ଐତିହାସିକ ୧୦୦୦ ଗୋଲ୍ ସଂଖ୍ୟା ଛୁଇଁବାକୁ ଆଉ ମାତ୍ର ୧୫ ଗୋଲ୍ ଦୂରରେ ରହିଛନ୍ତି । ମ୍ୟାଚ୍ ଆରମ୍ଭରୁ ହିଁ ରୋନାଲଡୋ ଖୁବ୍ ଆକ୍ରମଣାତ୍ମକ ମୁଦ୍ରାରେ ନଜର ଆସିଥିଲେ । ପ୍ରତିପକ୍ଷ ଦଳର ରକ୍ଷଣଭାଗକୁ ସମ୍ପୂର୍ଣ୍ଣ ଧ୍ୱସ୍ତବିଧ୍ୱସ୍ତ କରି ସେ ଜଣକ ପରେ ଜଣେ ଗୋଲ୍ ସ୍କୋର କରି ଚାଲିଥିଲେ । ତାଙ୍କର ଏହି ବିସ୍ଫୋରକ ବ୍ୟକ୍ତିଗତ ପ୍ରଦର୍ଶନ ବଳରେ ଅଲ୍ ନାସର ମ୍ୟାଚ୍‌ରେ ଏକ ବଡ଼ ବିଜୟ ହାସଲ କରିଛି । ୪୦ ବର୍ଷ ବୟସରେ ମଧ୍ୟ ପଡ଼ିଆରେ ତାଙ୍କର ଏଭଳି ସ୍ପିଡ୍ ଓ ଗୋଲ୍ କରିବାର କ୍ଷମତାକୁ ଦେଖି ବିଶ୍ୱର ବଡ଼ ବଡ଼ ଫୁଟବଲ୍ ବିଶେଷଜ୍ଞ ମାନେ ତାଙ୍କୁ ଉଚ୍ଚ ପ୍ରଶଂସା କରୁଛନ୍ତି ।

ଏହି ହ୍ୟାଟ୍ରିକ୍ ପରେ ରୋନାଲଡୋଙ୍କ ମୋଟ୍ ଅଫିସିଆଲ୍ କ୍ୟାରିୟର ଗୋଲ୍ ସଂଖ୍ୟା ୯୮୫ରେ ପହଞ୍ଚିଛି । ଫୁଟବଲ୍ ଇତିହାସରେ ପ୍ରଥମ ଖେଳାଳି ଭାବେ ୧୦୦୦ ଗୋଲ୍‌ର ଏହି ମହା-ମାଇଲଖୁଣ୍ଟ ସ୍ଥାପନ କରିବା ପାଇଁ ସେ ଏବେ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ବିଶ୍ୱବ୍ୟାପୀ ତାଙ୍କର କୋଟି କୋଟି ପ୍ରଶଂସକ ବର୍ତ୍ତମାନ ତାଙ୍କର ଏହି ଐତିହାସିକ ଗୋଲ୍‌କୁ ଦେଖିବା ପାଇଁ ଚାତକ ଭଳି ଅପେକ୍ଷା କରିଛନ୍ତି ।

ଏସିଆନ ଚାମ୍ପିଅନ୍ସ ଟ୍ରଫି

ଜାପାନକୁ ୪-୧ ଗୋଲରେ ହରାଇଲା ଭାରତ



ମୋହନପୁର, ୩୧/୧୦ : ଏସିଆନ ଚାମ୍ପିଅନ୍ସ ଟ୍ରଫି ହକି ଟୁର୍ଣ୍ଣାମେଣ୍ଟରେ ଭାରତୀୟ ପୁରୁଷ ହକି ଦଳ ନିଜର ଚମତ୍କାର ବିଜୟ ଯାତ୍ରା ଜାରି ରଖିଛି । ଏକ ରୋମାଞ୍ଚକର ମୁକାବିଲାରେ ଭାରତ ଶକ୍ତିଶାଳୀ ଜାପାନ ଦଳକୁ ୪-୧ ଗୋଲରେ ସୋଚନୀୟ ଭାବେ ପରାସ୍ତ କରିଛି । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଭାରତୀୟ ଖେଳାଳିମାନେ ମ୍ୟାଚ ଉପରେ ସମ୍ପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରି ରଖିଥିଲେ ଏବଂ ଜାପାନ ଦଳକୁ କମବ୍ୟାକ୍ କରିବାର କୌଣସି ସୁଯୋଗ ଦେଇନଥିଲେ ।

ମ୍ୟାଚର ପ୍ରଥମ କ୍ୱାର୍ଟରରୁ ହିଁ ଭାରତୀୟ ଦଳ ଆକ୍ରମଣାତ୍ମକ ରଣନୀତି ଆପଣାଇଥିଲା । ଦଳର ଫରୱାର୍ଡ ଲାଇନ୍ ଏବଂ ମିଡ୍‌ଫିଲ୍ଡରଙ୍କ ମଧ୍ୟରେ ଚମତ୍କାର ସମନ୍ୱୟ ଦେଖିବାକୁ ମିଳିଥିଲା, ଯାହା ଫଳରେ ଜଣକ ପରେ ଜଣେ ଖେଳାଳି ଜାପାନ ଗୋଲ୍ ପୋଷ୍ଟ ଉପରେ ଆକ୍ରମଣ କରି ଗୋଲ୍ ସ୍କୋର କରିବାରେ ସଫଳ ହୋଇଥିଲେ । ଭାରତ ପକ୍ଷରୁ ଚାରୋଟିଯାକ ଗୋଲ୍ ବହୁତ ସୁନ୍ଦର କ୍ଷେତ୍ର ପ୍ରସ୍ତୁତି (ଫିଲ୍ଡ ଗୋଲ) ଏବଂ ପେନାଲ୍ଟି କର୍ଣ୍ଣର ଜରିଆରେ ଆସିଥିଲା । ଅନ୍ୟପଟେ, ଜାପାନ ଦଳ କେବଳ ଗୋଟିଏ ସାନ୍ତ୍ୱନାମୂଳକ ଗୋଲ୍ ଫେରସ୍ତ କରିବାରେ ସକ୍ଷମ ହୋଇଥିଲା । ଏହି ବଡ଼ ବିଜୟ ସହିତ ଭାରତୀୟ ଦଳ ଟୁର୍ଣ୍ଣାମେଣ୍ଟର ପଏଣ୍ଟ ଟେବୁଲରେ ନିଜର ଶୀର୍ଷ ସ୍ଥାନକୁ ଆହୁରି ମଜଭୁତ କରିଛି । ଚଳିତ ସିରିଜ୍‌ରେ ଦଳର ଡିଫେନ୍ସ ଏବଂ ଗୋଲ୍‌କିପିଂ ମଧ୍ୟ ଉଚ୍ଚକୋଟୀର ରହିଛି । ଭାରତୀୟ ଦଳର ଏଭଳି ଦମଦାର ଫର୍ମ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ଭରିଦେଇଛି ଏବଂ ଦଳ ଚଳିତ ଚାମ୍ପିଅନ୍ସ ଟ୍ରଫି ଖେତାବ ଜିତିବା ପାଇଁ ସବୁଠାରୁ ବଡ଼ ଦାବିଦାର ଭାବେ ଉଭା ହୋଇଛି ।

ଆଇଏସ୍‌ଏଲ୍ ରୋମାଞ୍ଚ : ୧-୧ ଗୋଲ୍‌ରେ ଡ୍ର ରହିଲା ନର୍ଥଇଷ୍ଟ ଓ ବେଙ୍ଗାଲୁରୁ ମୁକାବିଲା

ଗୁୱାହାଟି,୩୧/୧୦ : ଇଣ୍ଡିଆନ୍ ସୁପର ଲିଗର ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଘରୋଇ ନର୍ଥଇଷ୍ଟ ୟୁନାଇଟେଡ୍ ରଉ ଏବଂ ବେଙ୍ଗାଲୁରୁ ରଉ ମଧ୍ୟରେ ଖେଳାଯାଇଥିବା ହାଇ-ଭୋଲ୍ଟେଜ୍ ମୁକାବିଲା ୧-୧ ଗୋଲ୍‌ରେ ଡ୍ର ରହିଛି । ଗୁୱାହାଟିର ଇନ୍ଦିରା ଗାନ୍ଧୀ ଆଥଲେଟିକ୍ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଉଭୟ ଦଳ ବିଜୟ ପାଇଁ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଜୋରଦାର ପ୍ରୟାସ କରିଥିଲେ ମଧ୍ୟ ଶେଷରେ ପଏଣ୍ଟ ଭାଗ କରିବାକୁ ବାଧ ହୋଇଛନ୍ତି ।

ମ୍ୟାଚ୍ ଆରମ୍ଭରୁ ହିଁ ଦୁଇ ଦଳ ଆକ୍ରମଣାତ୍ମକ ଫୁଟବଲ୍ ଖେଳିଥିଲେ । ପ୍ରଥମାର୍ଦ୍ଧରେ ଉଭୟ ରକ୍ଷଣଭାଗ (ଡିଫେନ୍ସ) ବେଶ୍ ଶୃଙ୍ଖଳିତ ପ୍ରଦର୍ଶନ କରିଥିବାରୁ କୌଣସି ଦଳକୁ ଗୋଲ୍ କରିବାର ସୁଯୋଗ ମିଳିନଥିଲା । ତେବେ ଦ୍ୱିତୀୟାର୍ଦ୍ଧରେ ମ୍ୟାଚ୍ ଆହୁରି ରୋମାଞ୍ଚକର ରୂପ ନେଇଥିଲା । ନର୍ଥଇଷ୍ଟ ୟୁନାଇଟେଡ୍ ପ୍ରଥମେ ଆକ୍ରମଣ କରି ଏକ ଚମତ୍କାର ଗୋଲ୍ ଜରିଆରେ ୧-୦ରେ ଅଗ୍ରଣୀ ହାସଲ କରି ଘରୋଇ ପ୍ରଶଂସକଙ୍କୁ ଉତ୍ସାହିତ କରିଦେଇଥିଲା । ଏହି ଗୋଲ୍ ପରେ ବେଙ୍ଗାଲୁରୁ ରଉ ମ୍ୟାଚ୍‌କୁ ଫେରିବା ପାଇଁ ଆକ୍ରମଣକୁ ଜୋରଦାର କରିଥିଲା । ଦଳର ଫରୱାର୍ଡ ଲାଇନ୍ ନିୟମିତ ବ୍ୟବଧାନରେ ନର୍ଥଇଷ୍ଟର ଗୋଲ୍ ପୋଷ୍ଟ ଉପରେ ଚାପ ପକାଇ ଚାଲିଥିଲେ । ଶେଷରେ ବେଙ୍ଗାଲୁରୁ ଏକ ଦମଦାର ପାସ୍‌କୁ ଗୋଲ୍‌ରେ ପରିଣତ କରି ସ୍କୋରଲାଇନକୁ ୧-୧ ସମାନ ସ୍ଥିତିକୁ ଆଣିଥିଲା । ଏହାପରେ ମ୍ୟାଚ୍ ଶେଷ ହେବା ଯାଏଁ କୌଣସି ଦଳ ଅତିରିକ୍ତ ଗୋଲ୍ ଦେଇପାରିନଥିଲେ ।

୨୦୩୦ ହକି ବିଶ୍ୱକପ୍ ଆୟୋଜନ ପାଇଁ ପ୍ରସ୍ତୁତ ହେଉଛି ବ୍ଲୁ-ପ୍ରିଣ୍ଟ



ନୂଆଦିଲ୍ଲୀ, ୩୧/୧୦ : ବିଶ୍ୱ ହକି ଜଗତରେ ଭାରତର ଦେଖଣାହାରୀ ସଫଳତା ଏବଂ ଦକ୍ଷତାକୁ ଦୃଷ୍ଟିରେ ରଖି ପୁଣି ଏକ ବଡ଼ ଖବର ସାମ୍ନାକୁ ଆସିଛି । ୨୦୩୦ ପୁରୁଷ ହକି ବିଶ୍ୱକପ୍ ଆୟୋଜନର ଅଧିକାର ପାଇବା ପାଇଁ ହକି ଇଣ୍ଡିଆ ଏକ ମେଗା ଯୋଜନା ଉପରେ କାମ ଆରମ୍ଭ କରିଦେଇଛି । ବିଶ୍ୱସ୍ତରୀୟ ଭିତ୍ତିଭୂମି ଏବଂ ପ୍ରଶଂସକଙ୍କ କ୍ରେଜ୍‌କୁ ଆଧାର କରି ଭାରତ ଆଗାମୀ ଦିନରେ ଅନ୍ତର୍ଜାତୀୟ ହକି ମହାସଂଘ ନିକଟରେ ଦୃଢ଼ ଦାବି ଉପସ୍ଥାପନ କରିବାକୁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରୁଛି ।

ପୂର୍ବରୁ ଭାରତ ୨୦୧୮ ଏବଂ ୨୦୨୩ରେ ଓଡ଼ିଶାର ଭୁବନେଶ୍ୱର ଓ ରାଉରକେଲାରେ କ୍ରମାଗତ ଦୁଇଟି ସଫଳ ବିଶ୍ୱକପ୍ ଆୟୋଜନ କରି କ୍ରୀଡ଼ା ଇତିହାସରେ ଏକ ନୂଆ ରେକର୍ଡ ସୃଷ୍ଟି କରିଥିଲା । ବିଶେଷ କରି ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ଏବଂ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ମ୍ୟାଚଗୁଡ଼ିକର ସଫଳ ପରିଚାଳନାକୁ ବିଶ୍ୱର ସମସ୍ତ କ୍ରୀଡ଼ାବିତ୍ ଉଚ୍ଚ ପ୍ରଶଂସା କରିଥିଲେ । ଏହି ସଫଳତାକୁ ଆଖିରେ ରଖି ହକି ଇଣ୍ଡିଆ ୨୦୩୦ ବିଶ୍ୱକପ୍‌କୁ ମଧ୍ୟ ଓଡ଼ିଶା ସରକାରଙ୍କ ସହଯୋଗରେ ଭାରତୀୟ ମାଟିକୁ ଆଣିବାକୁ ଚେଷ୍ଟା କରୁଛି ।

- ◆ ହକି ଇଣ୍ଡିଆ ପକ୍ଷରୁ ମେଗା ଯୋଜନା
- ◆ ବିଶ୍ୱକପ୍ ଆୟୋଜନରେ ହାଟ୍ରିକ ଲକ୍ଷ୍ୟରେ ଓଡ଼ିଶା ସହ ସହଭାଗିତା

ହକି ଇଣ୍ଡିଆର ସୂଚନା ଅନୁଯାୟୀ, ୨୦୩୦ ବିଶ୍ୱକପ୍ ପାଇଁ ଭିତ୍ତିଭୂମିର ସମ୍ପ୍ରସାରଣ ସହ ଭାରତର ଅନ୍ୟ କେତେକ ପ୍ରମୁଖ ସହରକୁ ମଧ୍ୟ ଏହି ଦୌଡ଼ରେ ସାମିଲ କରାଯାଇପାରେ । କ୍ରୀଡ଼ାପ୍ରେମୀଙ୍କ ଉତ୍ସାହ ଏବଂ ଭାରତୀୟ ହକି ଦଳର ସାମ୍ପ୍ରତିକ ଦମଦାର ଫର୍ମ ବିଶ୍ୱକପ୍ ଆୟୋଜନ ଦାବିକୁ ଆହୁରି ମଜଭୁତ କରୁଛି । ଯଦି ସବୁକିଛି ଯୋଜନା ମୁତାବକ ଚାଲେ, ତେବେ କ୍ରୀଡ଼ା ଜଗତ ପୁଣିଥରେ ଭାରତୀୟ ମାଟିରେ ବିଶ୍ୱର ସର୍ବଶ୍ରେଷ୍ଠ ହକି ମୁକାବିଲାର ମଜା ନେଇପାରିବ ।

ପ୍ରେକ୍ଷାଳୟରେ ଓଲିଉଡ୍ ସିନେମା 'ମୋହନ ଗିରି'ର ସଫଳତା

ଦର୍ଶକଙ୍କ ମନ ଜିଣୁଛି ପାରିବାରିକ କାହାଣୀ

ଭୁବନେଶ୍ୱର,୩୧/୧୦(ଜେଏନ୍‌ଏସ୍) : ଓଡ଼ିଆ ସିନେମା ଜଗତରେ ପୁଣି ଏକ ପାରିବାରିକ ଏବଂ ଆକ୍ସନ ଡ୍ରାମା ଭିତ୍ତିକ ସିନେମା 'ମୋହନ ଗିରି' ବଡ଼ ପରଦାରେ ଧମାଲ ମଚାଉଛି । ଓଡ଼ିଶାର ବିଭିନ୍ନ ପ୍ରେକ୍ଷାଳୟରେ ରିଲିଜ୍ ହେବା ପରଠାରୁ ଏହି ଚଳଚ୍ଚିତ୍ରଟିକୁ ଦର୍ଶକଙ୍କ ପକ୍ଷରୁ ଭରପୁର ଭଲପାଇବା ଏବଂ ସକାରାତ୍ମକ ପ୍ରତିକ୍ରିୟା ମିଳୁଛି । ବିଶେଷ କରି ମୌଳିକ କାହାଣୀ ଏବଂ ଓଡ଼ିଆ ସଂସ୍କୃତିର ସ୍ପର୍ଶ ଥିବାରୁ ଏହା ପରିବାର ସହିତ ଦେଖିବା ଭଳି ଏକ ସୁନ୍ଦର ମନୋରଞ୍ଜନର ମାଧ୍ୟମ ସାଜିଛି ।



ସିନେମାର ମୁଖ୍ୟ କାହାଣୀ ପ୍ରେମ, ପାରିବାରିକ ସମ୍ପର୍କର ଭାବନା ଏବଂ ସମାଜରେ ଥିବା କିଛି ବ୍ୟବସ୍ଥା ବିରୁଦ୍ଧରେ ସଂଘର୍ଷକୁ ନେଇ ଗତିଶୀଳ ହୋଇଛି । ମୁଖ୍ୟ ଚରିତ୍ରରେ ଥିବା ଅଭିନେତାଙ୍କ ଦମଦାର ଆକ୍ସନ ଏବଂ ଭାବପୂର